## ବୃଦ୍ଧଙ୍କ ମୃତଦେହ ଜବତ

ମୋରଡ଼ା,(ସ୍ମାରକ ମାଜୀ)- ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ତଥା ଚିତ୍ରଡ଼ା ଫାଣ୍ଡି ଅଧୀନ ଉଲିଡ଼ିହି ଗ୍ରାମସ୍ଥିତ ଏକ ଗଛରୁ ସୋମବାର ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ସେହି ଗ୍ରାମର ସାଉନା ମୁର୍ମୁ (୫୫)। ପାରିବାରିକ କଳହ ଯୋଗୁ ସକାଳେ ସେ ଘରୁ କେଉଁଆଡ଼େ ଚାଲି ଯାଇଥିଲେ। ମଧ୍ୟାହ୍ନରେ ତାଙ୍କ ମୃତଦେହ ଗଛରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

### ସଂକ୍ଷେପରେ

## ବାଇକ୍ ଧକ୍କାରେ ମହିଳାଙ୍କ ମୃତ୍ୟୁ

ରାଇରଙ୍ଗପୁର,୨।୧୦(ମାନସ ମହାନ୍ତି/ ମନୋରଞ୍ଜନ ତିରିଆ): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ରାଇରଙ୍ଗପୁର-ବିଶୋଇ ମୁଖ୍ୟ ରାସ୍ତାର ପାଟପୁରଠାରେ ବାଇକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ଜଣକ ହେଲେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଭାଲୁଯୋଡି ଗ୍ରାମର ସୋମବାରି ଟୁଡୁ। ବାଇକ୍ ଆରୋହୀ ଜଣକ ମଧ ଗୁରୁତର ଅବସ୍ଥାରେ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ମାମଲା(ନଂ. ୨୨୯/୨୩) ରୁଜୁ ହୋଇଛି। ମହିଳା ଜଣକ ଚାଲିଚାଲି ଯାଉଥିବା ବେଳେ ବାଇକ୍ ଅରୋହୀ ଜଣକ ତାଙ୍କୁ ଧକ୍କା ଦେଇଥିଲେ।

## ଇଷ୍ଟ ଜଗନ୍ନାଥ ମନ୍ଦିର ସଫାକଲେ ଛାତ୍ରୀ

ଯୋଡ଼ା,୨।୧୦(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧୀନରେ ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଛି। ଏହି ଉପଲକ୍ଷେ ରାମଧୁନ ପାଠ, ଦୁଇ ମହାପୁରୁଷଙ୍କ ରାଷ୍ଟ୍ର ଗଠନରେ ଅବଦାନ ଉପରେ ସ୍ମୃତିଚାରଣ, ଶ୍ରଦ୍ଧାଞ୍ଜଳି, ସ୍ମୃତି ସଭା ଓ ସ୍ଥାନୀୟ ଯୋଡ଼ା ଇଷ୍ଟ ଜଗନ୍ନାଥ ମନ୍ଦିରରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱଚ୍ଛତା ପାଇଁ ଶ୍ରମ ଦାନ ଓ ସ୍ଥାନୀୟ ବସ୍ତି ଅଞ୍ଚଳରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କଲେଜର ଅଧକ୍ଷା ଡଃ ମୃଦୁଳା ମହାନ୍ତି, ଅଧାପିକା ସୁଚିତ୍ରା ଦାସ, ଡ. ଲିତା ପାତ୍ର, ଐଶ୍ୱର୍ଯ୍ୟାମୟୀ ପାତ୍ର, ଭାରତୀ ଭଗବତୀ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ +୨ ଓ +୩ ଶ୍ରେଣୀରୁ ପ୍ରାୟ ୧୦୦ ଜଣ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ +୩ ଜାତୀୟ ସେବା ଯୋଜନାର ଅଧିକାରିଣୀ ତଥା ଅଧାପିକା ସୁମନପ୍ରଭା ତିର୍କୀ ଓ +୨ ଜାତୀୟ ସେବା ଯୋଜନାର ଅଧିକାରିଣୀ ଅଧାପିକା ସୁଚିସ୍ମିତା ସିଂ ସଂଯୋଜନା କରିଥିଲେ।

## ଗଜଲକ୍ଷ୍ମୀ ପୂଜା ପାଇଁ ଉଠିଲା ମାଟି

ଭଣ୍ଡାରିପୋଖରୀ,୨।୧୦ (ରବିନାରାୟଣ ଖିଲାର): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ମାଳଦାଠାରେ ଜଗନ୍ନାଥ ବଜାର ବଣିକ ସଂଘ ଆନୁକୂଲ୍ୟରେ ପାଳନ ହେବାକୁ ଥିବା ଗଜଲକ୍ଷ୍ମୀ ପୂଜା ପାଇଁ ମାଟି ଅନୁକୂଳ କରାଯାଇଛି। କର୍ତ୍ତା ଅନିଲ କୁମାର ଶତପଥୀ ଘଟ ପୂଜା କରିବା ପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପାଇଁ ମାଟି ଉଠାଯାଇଥିଲା। ପୂଜକ ନନ୍ଦକିଶୋର ତ୍ରିପାଠୀ, ସଭାପତି କମଳାକାନ୍ତ ସାମଲ, ଦେବାଶିଷ ପଣ୍ଡା, ନିଶିକାନ୍ତ ସୂତାର, ସୁଦାମ ଦାସ, ଶ୍ୟାମସୁନ୍ଦର ଦାସ, ଧୀରେନ୍ଦ୍ର ନାୟକ, ନିରଞ୍ଜନ ବେଉରିଆ, ଦୁର୍ଯ୍ୟୋଧନ ଦାସ, ଚନ୍ଦ୍ରଶେଖର ମହାନ୍ତି, କାହ୍ନୁ ବାରିକ, ଦେବେନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଯୋଗାଣ ସହାୟକଙ୍କୁ ଅଟକ ରଖିଲେ ହିତାଧିକାରୀ

### ପିଡିଏସ ଚାଉଳ ହଡ଼ପ ଅଭିଯୋଗ

ପାଟଣା,୨।୧୦(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ଉପାନ୍ତ ଅଞ୍ଚଳ ରାଇଡିହା ପଞ୍ଚାୟତରେ ୩ ମାସର ପିଡ଼ିଏସ ଚାଉଳ ମିଳି ନ ଥିବା ଅଭିଯୋଗ ହୋଇଛି। ଏ ନେଇ ସୋମବାର ପଞ୍ଚାୟତ କାର୍ଯ୍ୟାଳୟରେ ଯୋଗାଣ ସାହାୟକ ଅକ୍ଷୟ ନାୟକଙ୍କୁ ହିତାଧିକାରୀମାନେ ଅପରାହ୍ନ ୩ ଟାରୁ ୫ ଟା ପର୍ଯ୍ୟନ୍ତ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପଞ୍ଚାୟତ ଫାଟକରେ ତାଲା ମାରି ଅଟକ ରଖିଥିଲେ। ଖବର ପାଇ ସାହାରପଡ଼ା ଫାଣ୍ଡି ଅଧିକାରୀ ଶିବ ଶଙ୍କର ଆଲଦା ପହଞ୍ଚି ସହାୟକଙ୍କୁ ଉଦ୍ଧାର କରିଛନ୍ତି।

ସୂଚନା ଅନୁଯାୟୀ, ପଞ୍ଚାୟତରେ ୩ ଜଣ ହିତାଧିକାରୀଙ୍କୁ ଛାଡ଼ିଦେଲେ ବହୁ ହିତାଧିକାରୀଙ୍କୁ ଜୁଲାଇ, ଅଗଷ୍ଟ ଓ ସେପ୍ଟେମ୍ବର ମାସର ଚାଉଳ ମିଳିନାହିଁ। ଯୋଗାଣ ସହାୟକ ଚାଉଳ ହଡ଼ପ ଅଭିଯୋଗରେ ହିତାଧିକାରୀମାନେ ନାୟକଙ୍କୁ ଅଟକ ରଖିଥିଲେ। ଏସିଏସଓ ଶିଶିର ସାହୁ କହିଛନ୍ତି, ପଏଣ୍ଟ ଅଫ ସେଲ ମେସିନରେ ସେମାନେ ଚାଉଳ ନେଇଥିବା ଜଣାପଡ଼ିଛି। ଯଦି କେତେ ଜଣ ପାଇ ନ ଥିବେ, ତାଙ୍କୁ ଦେବା ବ୍ୟବସ୍ଥା କରାଯିବ। ପ୍ରକୃତ ଘଟଣା କ'ଣ ତଦନ୍ତ କରି କହିବେ ବୋଲି କହିଥିଲେ। ଯୋଗାଣ ସହାୟକ ଅକ୍ଷୟ କୁମାର ନାୟକ କହିଛନ୍ତି, ସମସ୍ତେ ଚାଉଳ ନେଇଛନ୍ତି, ଏହା ସେଲ ରେଜିଷ୍ଟ୍ର ଓ ପିଓଏସ ମେସିନରେ ଉଲ୍ଲେଖ ହୋଇଛି। କେବଳ ଆମେ ରାସନକାର୍ଡରେ ଉଲ୍ଲେଖ କରି ନ ଥିବାରୁ ହିତାଧିକାରୀମାନେ ବୁଝି ପାରୁନାହାନ୍ତି ବୋଲି କହିଛନ୍ତି। ରାଇଡ଼ିହା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜିତେନ୍ଦ୍ର ପାତ୍ର କହିଛନ୍ତି, ସେ ଛୁଟିରେ ଥିଲେ, ମଙ୍ଗଳବାର ସବିଶେଷ ଖବର ବୁଝି କି କହିବେ।


ପଞ୍ଚାୟତ ଆଗରେ ପିଡିଏସ୍ ହିତାଧିକାରୀମାନେ।

# ଗାନ୍ଧୀ ଜୟନ୍ତୀରେ ପରିବେଶକୁ ସ୍ୱଚ୍ଛ ରଖିବାକୁ ଆହ୍ୱାନ


ସେଣ୍ଟ୍ରାଲ ସ୍କୁଲ ପକ୍ଷରୁ ବଜାର ପରିସର ନାଳ ସଫେଇ।

ବାଲେଶ୍ୱର, ୨।୧୦(ମାନସ ବିଶ୍ୱାଳ)

ବାଲେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟରେ ସୋମବାର ମହାତ୍ମା ଗାନ୍ଧୀ ଓ ଶାନ୍ତିଦୂତ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଗାନ୍ଧୀଜୀଙ୍କର ପ୍ରିୟ ଭଜନ ରାମଧୂନ ବିଦ୍ୟାଳୟର ଛାତ୍ରୀଛାତ୍ର ତଥା ଶିକ୍ଷୟିତ୍ରୀଶିକ୍ଷକଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଶେଷରେ ସର୍ବଧର୍ମ ପ୍ରାର୍ଥନା ମଧ ସମ୍ପନ୍ନ ହୋଇଥିଲା।

ସେହିପରି ବିଦ୍ୟାଳୟର ପ୍ରାଚାର୍ଯ୍ୟ ରବି ପ୍ରକାଶଙ୍କ ନେତୃତ୍ୱରେ ଗତ ରବିବାର 'ଏକ ତାରିଖ, ଏକ ଘଣ୍ଟା, ଏକ ସାଥ' (ଶ୍ରମଦାନ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇ ସ୍ଥାନୀୟ ବଜାର ପରିସର ପାର୍ଶ୍ୱରେ ଥିବା ନାଳ ସଫେଇ କରାଯାଇ ନାଳରେ ପଡ଼ିଥିବା ପଲିଥିନ୍, ଅଳିଆ ଆବର୍ଜନା ଆଦି ସଫା କରାଯାଇଥିଲା। ଏଥିରେ ସ୍ଥାନୀୟ ଦୋକାନୀ ମଧ ସାମିଲ ହୋଇ ପରିବେଶକୁ ସଦାସର୍ବଦା ସ୍ୱଚ୍ଛ ରଖିବା ପାଇଁ ଅନୁପ୍ରାଣିତ ହୋଇଥିଲେ।

# ଉନ୍ନୟନମୂଳକ କାର୍ଯ୍ୟ ପାଇଁ ସଚେତନତା ଜରୁରୀ


ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଜମିପଟ୍ଟା ବଣ୍ଟନ କରୁଛନ୍ତି।

### ୮୨୯ ହିତାଧିକାରୀଙ୍କୁ ଜମିପଟ୍ଟା ବଣ୍ଟନ

ସିମୁଳିଆ, ୨।୧୦(ସନ୍ତୋଷ କୁମାର ନାୟକ)

ବାଲେଶ୍ୱର ଜିଲା ପ୍ରଶାସନ ନିର୍ଦ୍ଦେଶରେ ସିମୁଳିଆ ତହସିଲ ପକ୍ଷରୁ ସୋମବାର ଜମି ଅଧିକାର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ୨୯ଜଣ ଭୂମିହୀନଙ୍କ ସମେତ ୱାରସ ସଂଶୋଧନ( ପୂର୍ବରୁ ମା, ବାପା, ଜେଜେ ମା', ଜେଜେ ବାପାଙ୍କ ନାମରେ ଥିବା ଜମିପଟ୍ଟା) କଲମ ୩, ଘରବାଡି କିସମ ପରିବର୍ତ୍ତନ, ନାମଜାରୀ ଆଦି ବିଭିନ୍ନ ୮ଶହ ଉପଭୋକ୍ତାଙ୍କୁ ଜମିପଟ୍ଟା ବଣ୍ଟନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ସାଧାରଣ ଉତ୍ସବରେ ତହସିଲ, ବ୍ଲକ ଓ ସବ୍‌ରେଜିଷ୍ଟର କାର୍ଯ୍ୟାଳୟ କର୍ମଚାରୀ ଯୋଗ ଦେଇଥିଲେ। ସବ୍‌ରେଜିଷ୍ଟର କାର୍ଯ୍ୟାଳୟ କର୍ମଚାରୀ ସବିତା ମହାଳିକଙ୍କ ମଞ୍ଚ ସଞ୍ଚାଳନାରେ ଅନୁଷ୍ଠିତ ଉତ୍ସବରେ ତହସିଲଦାର ବିଶ୍ୱନାଥ ବିଶ୍ୱାଳ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ବର୍ଣ୍ଣନା କରିବା ସହିତ ଜମିପଟ୍ଟା ପାଇବା ପାଇଁ ହକ୍‌ଦାର ଥିବା ହିତାଧିକାରୀମାନେ ଆବେଦନ ପରେ ତହସିଲକୁ ଦୌଡିବାର ଅବଶ୍ୟକତା ନାହିଁ, ପ୍ରତ୍ୟେକ ଆବେଦନଗୁଡିକର ତର୍ଜମା କରାଯିବା ପରେ ପ୍ରଶାସନ ଉପଭୋକ୍ତାମାନଙ୍କ ନିକଟରେ ପହଞ୍ଚିବ। ପଟ୍ଟା ପାଇଥିବା ହିତାଧିକାରୀମାନେ ତୁରନ୍ତ ଘର ନିର୍ମାଣ କରିବା ପାଇଁ ସେ ସୂଚନା ଦେଇଥିଲେ। ମୁଖ୍ୟଅତିଥି ରୂପେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ସ୍ମୃତିଚାରଣ କରିବା ସହିତ ତାଙ୍କ ବାଣୀ ଦେଶର ହୃତ୍‌ପିଣ୍ଡ ହେଉଛି ଗାଁ, ଗାଁ ଭଲ ରହିଲେ ଦେଶ ଭଲ ରହିବ ବୋଲି କହିବା ସହିତ ସମସ୍ତ କାର୍ଯ୍ୟ ଜନସାଧାରଣଙ୍କ ହିତ ଉଦ୍ଦେଶ୍ୟରେ ହେବା ଜରୁରୀ ଓ ଜନସାଧାରଣ ସଚେତନ ରହିଲେ ଉନ୍ନୟନମୂଳକ କାର୍ଯ୍ୟ ହୋଇପାରିବ ବୋଲି ସେ କହିଥିଲେ। ଏହି ଅବସରରେ ମାର୍କୋଣା ଆର୍‌ଆଇ ସାରସି ମହାନ୍ତି ଓ ତହସିଲ ଅମିନ ଶୁଭଙ୍କର ଦାଶଙ୍କୁ ସମ୍ମାନିତ କରାଯାଇଥିଲା।

## ସଂସ୍କୃତ ଶାସ୍ତ୍ରରେ ବିଜ୍ଞାନର ପ୍ରୟୋଗ ଉପରେ ଗୁରୁତ୍ୱ

ବାହାନଗା, ୨।୧୦(ଅରୂପ୍ କୁମାର ଦାସ)

ବାହାନଗା ବ୍ଲକ ଗୋପାଳପୁରସ୍ଥିତ ଯାଗେଶ୍ୱରପଦାସ୍ଥିତ ଭଗବାନ ଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟରେ 'ସଂସ୍କୃତମ ବିଜ୍ଞାନମୟମ୍' ସେମିନାର ଅନୁଷ୍ଠିତ ହୋଇଯାଇଛି। ଏହି ସେମିନାରରେ ତିରୁପତିସ୍ଥିତ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସହକାରୀ ପ୍ରଫେସର ଡ. ଚିତ୍ତରଞ୍ଜନ ନାୟକ ଯୋଗଦେଇ ଦୀକ୍ଷାନ୍ତ ଅଭିଭାଷଣ ରଖିଥିଲେ। ସଂସ୍କୃତ ଶାସ୍ତ୍ରରେ କିଭଳି ଭାବେ ବିଜ୍ଞାନର ପ୍ରୟୋଗ ରହିଛି ତା ଉପରେ ଆଲୋକପାତ କରିବା ସହ ଗଣିତ ଶାସ୍ତ୍ର, ଚିକିତ୍ସା ବିଜ୍ଞାନ ଓ ଜ୍ୟୋତିଷ ଶାସ୍ତ୍ର ଆଦି କିଭଳି ଭାବେ ବିଜ୍ଞାନରେ ପରିପୂର୍ଣ୍ଣ ତାହା ବିଷୟରେ ବିଦ୍ୟାର୍ଥୀମାନଙ୍କୁ ପ୍ରମାଣ ଦେଇ ବ୍ୟାଖ୍ୟା କରିଥିଲେ। ଏଥିରେ ଅଧାପିକା ବିଜୟ ଲକ୍ଷ୍ମୀ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ଯଦୁନାଥ ମିଶ୍ର ଯୋଗ ଦେଇଥିଲେ। ଏହାକୁ ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷ ଦିବାକର ଦାଶ ପୌରୋହିତ୍ୟ କରିଥିଲେ। ଅନ୍ୟତମ ଅତିଥି ଭାବେ ଅଧାପକ କ୍ଷୀରୋଦ ନାୟକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ସେମିନାରରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ହିମାଂଶୁ ସାହୁ ଧନ୍ୟବାଦ ଦେଇଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗାଁ ସାଥୀଙ୍କ ଗଣଧାରଣା


ଧାରଣାରତ ଗାଁ ସାଥୀ ସଂଘର କର୍ମକର୍ତ୍ତାମାନେ।

କେନ୍ଦୁଝର, ୨।୧୦(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଗାଁ ସାଥି ମେଟ୍ ଓ ଶ୍ରମିକ ମାରଣନୀତି ପ୍ରତିବାଦରେ କେନ୍ଦୁଝର ଗାଁ ସାଥି ମେଟ୍ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗଣଧାରଣା ଦିଆଯାଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଗାନ୍ଧୀ ଜୟନ୍ତୀରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସାମୂହିକ ଗଣଧାରଣା ଜାରି ରହିବ ବୋଲି ସଂଘ ପକ୍ଷରୁ ସୂଚନା ମିଳିଛି।

ଦାବି ଅନୁଯାୟୀ, ପ୍ରତ୍ୟେକ ଜବକାର୍ଡଧାରୀମାନଙ୍କୁ ବର୍ଷକୁ ୧୦୦ ଦିନର କାମ, ପୂର୍ବରୁ ଜିଲା ଖଣିଜ ପାଣ୍ଠିରୁ ଦିଆଯାଉଥିବା ଶ୍ରମିକ ମଜୁରୀ ୯୩ ଟଙ୍କା ପୁନଃ ଏମଜିଏନ୍‌ଆର୍‌ଇଜିଏସ୍ ଶ୍ରମିକଙ୍କୁ ଦିଆଯିବା, ଏନ୍‌ଜିଓମାନଙ୍କ ଏନ୍‌ଏମ୍‌ଏମ୍‌ଏସ୍ ପଞ୍ଜୀକରଣ ପ୍ରତ୍ୟାହାର, ସମସ୍ତ ଲାଇନ୍ ଡିପାର୍ଟମେଣ୍ଟରେ ମେଟ୍ ମାନଙ୍କୁ ନିୟୋଜିତ, ଗାଁ ସାଥିମାନଙ୍କ ବକେୟା ପାରିଶ୍ରମିକ ତୁରନ୍ତ ପ୍ରଦାନ, ଗାଁ ସାଥି ମେଟମାନଙ୍କୁ ସ୍ଥାୟୀ ନିଯୁକ୍ତି ଓ ମାସିକ ପ୍ରୋତ୍ସାହନ ୯ ହଜାର ଟଙ୍କା ସୁନିଶ୍ଚିତ କରିବା, ଅଣକୁଶଳୀ ଶ୍ରମିକମାନଙ୍କର ବକେୟା ମଜୁରୀ ତୁରନ୍ତ ପ୍ରଦାନ, ମେଟ୍‌ମାନଙ୍କୁ ସର୍ବନିମ୍ନ ୧୦ ଲକ୍ଷ ଟଙ୍କା ଜୀବନବୀମାଭୁକ୍ତ କରାଯିବା ଓ ମେଟ୍ ମାନଙ୍କର ପରିଚୟ ପତ୍ର ପ୍ରଦାନ ଆଦି ଦାବି ରହିଛି। କ୍ରିୟାନୁଷ୍ଠାନର ସମ୍ପାଦକ ମନସରୋଜ ପଣ୍ଡା, ଉପଦେଷ୍ଟା ଅଜିତ କୁମାର ମହାନ୍ତ, କାର୍ଯ୍ୟକାରୀ ସଭାପତି ମନୋଜ ପଟେଲ, ଆବାହକ ମାଟୁରାମ ମୁଣ୍ଡା, କୋଷାଧକ୍ଷ ମୋହନ ମହାନ୍ତ, ଝୁମ୍ପୁରା ବ୍ଲକ୍ ସଭାପତି ଉମେଶ ଚନ୍ଦ୍ର ମୁଣ୍ଡା, ତେଲକୋଇ ବ୍ଲକ୍ ସଭାପତି କୃଷ୍ଣଚନ୍ଦ୍ର କିଶାନ, ସଦର ବ୍ଲକ୍ ଆବାହକ ବିଜୟ ମୋଦି, ସହ ସମ୍ପାଦକ ରମେଶ ମହାନ୍ତ, ଜଗବନ୍ଧୁ ସର୍ଦ୍ଦାର, ମିଡିଆ ପ୍ରମୁଖ ପ୍ରମୋଦ ମହାନ୍ତ, ସୁଧିର ମହାନ୍ତ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଗାଁ ସାଥି ମେଟ ସାମିଲ ହୋଇଥିଲେ।

# ବରପଦା ଇଞ୍ଜିନିୟରିଂ କଲେଜ କର୍ମଚାରୀଙ୍କ ଧାରଣା ଜାରି

### ସମର୍ଥନ ଜଣାଇଲେ ନିରଞ୍ଜନ

ଭଦ୍ରକ,୨।୧୦(ସନାତନ ରାଉତ)

ଭଦ୍ରକ ବରପଦା ଇଞ୍ଜିନିୟରିଂ କଲେଜ ଫାଟକ ଆଗରେ କର୍ମଚାରୀଙ୍କ ଧାରଣା ଜାରି ରହିଛି। ସୋମବାର ଷଷ୍ଠ ଦିନରେ ପହଞ୍ଚିଥିବା ବେଳେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଧାରଣାସ୍ଥଳକୁ ଆସି ସେମାନଙ୍କୁ ନୈତିକ ସମର୍ଥନ ଜଣାଇଛନ୍ତି। କର୍ମଚାରୀମାନେ କାମ କରି ଦରମା ନ ପାଇବା, ଛଟେଇ କରାଯିବା ଏପରି ମନମାନୀକୁ ସମାଲୋଚନା କରିବା ସହ ସେମାନଙ୍କ ଦାବି ପୂରଣ କରାଯାଇ ଏହାର ସମାଧନ କରାଯାଉ ବୋଲି ସେ କହିଥିଲେ। ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ଭଦ୍ରକ କଂଗ୍ରେସ ନେତା ନଳିନୀକାନ୍ତ ମହାନ୍ତି, ପୂର୍ବତନ ବନ୍ତ ବ୍ଲକ କଂଗ୍ରେସ ସଭାପତି ଲକ୍ଷ୍ମୀଧର ସାହୁ, ହରମୋହନ ବେହେରା ପ୍ରମୁଖ ଧାରଣାରେ ସାମିଲ ହୋଇ ସମର୍ଥନ ଜଣାଇଥିଲେ। ପ୍ରକାଶଥାଉ କି, ବକେୟା ଦରମା, କର୍ମଚାରୀମାନଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର, ଚାକିରିକାଳ ମଧରେ ମୃତ କର୍ମଚାରୀଙ୍କ ପରିବାରକୁ ସମସ୍ତ ବକେୟା ପ୍ରାପ୍ୟ ପ୍ରଦାନ, ମିଥ୍ୟା ମକଦ୍ଦମା ପ୍ରତ୍ୟାହାର ଆଦି ୮ ଦଫା ଦାବିରେ କଲେଜର କର୍ମଚାରୀମାନେ ଗତ ବୁଧବାରଠାରୁ ଧାରଣାରେ ବସିଛନ୍ତି।


କର୍ମଚାରୀମାନଙ୍କ ଧାରଣାସ୍ଥଳରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ।

# ଦେଶପ୍ରେମ, ଅହିଂସା ମନ୍ତ୍ର ଆପଣେଇବାକୁ ଆହ୍ୱାନ

ବାଲେଶ୍ୱର,୨।୧୦(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ (ଏଫଏମୟୁ) ପରିସରରେ ସୋମବାର ଏନଏସଏସ ବ୍ୟୁରୋ ଏବଂ ଏନଏସ୍ଏସ୍ ୟୁନିଟ୍ ଦ୍ୱାରା ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଛି।

ଏନ୍‌ଏସ୍‌ଏସ୍ ଛାତ୍ରୀଛାତ୍ର ଓ ଅନ୍ୟାନ୍ୟ ପ୍ରଭାତଫେରୀ ଅଂଶଗ୍ରହଣକାରୀମାନଙ୍କୁ ରାମଧୂନ ସହ ସ୍ୱାଗତ କରାଯାଇଥିଲା। ପରେ ଛାତ୍ରୀଛାତ୍ର, ଏନ୍‌ଏସ୍‌ଏସ୍‌ର ସ୍ୱେଚ୍ଛାସେବୀଙ୍କ ସହ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ପିଜି କାଉନସିଲର ଅଧକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ, ଏନ୍‌ଏସ୍‌ଏସ୍ ବ୍ୟୁରୋ ସଂଯୋଜକ ଡ. ଅମୂଲ୍ୟ କୁମାର ଆଚାର୍ଯ୍ୟ, ବିଭିନ୍ନ ବିଭାଗର ଅଧାପିକାଅଧାପକ ଓ ଅଣଶିକ୍ଷକ କର୍ମଚାରୀମାନେ ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ପଦଯାତ୍ରା କରିଯାଇଥିଲେ। ଏହି ଅବସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ କୁଳପତି ପ୍ରଫେସର ତ୍ରିପାଠୀ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ଦେଶପ୍ରେମ ଓ ଅହିଂସାର ମନ୍ତ୍ର ଆପଣେଇବାକୁ ଉତ୍ସାହିତ କରିଥିଲେ। ଗାନ୍ଧିଜୀଙ୍କ ଜୀବନଦର୍ଶନରେ ଅନୁପ୍ରାଣିତ ହୋଇ ଛାତ୍ର ଜୀବନରେ ଏହାକୁ ସାମିଲ କରିବାର ମହତ୍ତ୍ୱ ବୁଝାଇଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ବକ୍ତୃତା ପ୍ରତିଯୋଗିତାର ବିଜୟୀ ପ୍ରାର୍ଥୀଙ୍କୁ ଉପହାର ସ୍ୱରୂପ ଚାରା ପ୍ରଦାନ କରାଯାଇଥିଲା। ଏନ୍‌ଏସ୍‌ଏସ୍ ବ୍ୟୁରୋ ସଂଯୋଜକ ଡ. ଅମୂଲ୍ୟ କୁମାର ଆଚାର୍ଯ୍ୟ କାର୍ଯ୍ୟକ୍ରମ ଆୟୋଜନ କରିଥିବାବେଳେ ଡ. ପ୍ରତିମା ପ୍ରଧାନ ଏବଂ ଡ. ଜଗନ୍ନାଥ ବେହେରା ଏହାକୁ ସଞ୍ଚାଳନ କରିଥିଲେ। ସମସ୍ତ ଅଂଶଗ୍ରହଣକାରୀଙ୍କ ଦ୍ୱାରା 'ଶାନ୍ତି ଏବଂ ସମନ୍ୱୟ ପାଇଁ ଭଜନ' ସମୂହ ଗାନ କରାଯାଇଥିଲା।



ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଚାରା ପ୍ରଦାନ କରାଯାଉଛି।

# ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଧାରଣା

### ସ୍ୱାସ୍ଥ୍ୟକର୍ମୀଙ୍କ ମୃତ୍ୟୁ ଘଟଣା

ଧାମନଗର,୨।୧୦ (ସନ୍ତୋଷ କୁମାର ମହାପାତ୍ର/ଦେବେନ୍ଦ୍ର ଆଦ୍ଦିଆ)

ଭଦ୍ରକ ଜିଲା ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ରାଧାବଲ୍ଲଭପୁର ଉପସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀ ବସନ୍ତ ସାହୁଙ୍କ ମୃତ୍ୟୁ ଘଟଣାକୁ ଏହାମଧ୍ୟରେ ୧୭ ଦିନ ବିତିଯାଇଯାଇଛି। ହେଲେ ଏଯାଏ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିପାରି ନାହିଁ। ମୁଖ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ସୋମବାର ମୃତ ବସନ୍ତଙ୍କ ପରିବାର ଲୋକଙ୍କ ସମେତ ଗ୍ରାମବାସୀ ଧାମନଗର ଥାନା ଆଗରେ ଧାରଣା ଦେଇଥିଲେ। ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର ଓ ଆଇଆଇସି ଫନିନ୍ଦ୍ର ଭୂଷଣ ନାୟକ ବୁଝାଶୁଝା କରିଥିଲେ ମଧ ସେମାନେ ଜିଦ୍‌ରେ ଅଟଳ ରହିଥିଲେ। ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ନିର୍ଦ୍ଦେଶକ୍ରମେ ଡିଆଇଜି ଡିଏସ୍‌ପି କମଳ ଲୋଚନ ଭୂୟାଁ ଭିଡିଓ କନ୍‌ଫରେନ୍ସରେ ଧାରଣାରେ ବସିଥିବା ଲୋକଙ୍କ ସହ କଥା ହୋଇଥିଲେ। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେବା ପରେ ସେମାନେ ଅପରାହ୍ନରେ ଧାରଣାରୁ ଉଠିଥିଲେ। ମୃତ ବସନ୍ତଙ୍କ ସ୍ତ୍ରୀ ସସ୍ମିତା ସାହୁ, ଭାଇ ସନ୍ତୋଷ ସାହୁ, ଗ୍ରାମବାସୀ ଶ୍ରୀକାନ୍ତ ନାୟକ, ସନ୍ତୋଷ କୁମାର ଦାସ, ବ୍ରହ୍ମାନନ୍ଦ ଜେନା, ଅଜୟ କୁମାର ନାୟକ, ଦିଲୀପ କୁମାର ନାୟକ ପ୍ରମୁଖ ଧାରଣାରେ ବସିଥିଲେ।

ସୂଚନାଯୋଗ୍ୟ, ଗତ ୧୫ ତାରିଖ ସନ୍ଧ୍ୟାରେ ବସନ୍ତ ଘରକୁ ଫେରି ନ ଥିବାବେଳେ ପରଦିନ ସକାଳେ ଜରାନିବାସ ନିକଟ ଢିପରୁ ତାଙ୍କ ମୃତଦେହ ମିଳିଥିଲା। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ବସନ୍ତଙ୍କ ଭାଇ ସନ୍ତୋଷ ଧାମନଗର ଥାନାରେ ଅଭିଯୋଗ କରିବା ପରେ ମାମଲା (ନଂ.୪୩୮/୨୩) ରୁଜୁ ହୋଇଥିଲା। ଏହି ମାମଲାରେ କେବଳ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଓ ସହଯୋଗୀମାନଙ୍କୁ ପୋଲିସ ଗିରଫ କରି ନ ଥିବା ସସ୍ମିତା କହିଛନ୍ତି।



ମୃତ ବସନ୍ତ ସାହୁଙ୍କ ପରିବାର ଲୋକେ ଓ ଗ୍ରାମବାସୀ ଧାମନଗର ଥାନା ଆଗରେ ଧାରଣାରେ ବସିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୩ ଅକ୍ଟୋବର ୨୦୨୩



## ଔପଦା ତହସିଲ ପକ୍ଷରୁ ପଟ୍ଟା ବଣ୍ଟନ

ଔପଦା, (ଧରିତ୍ରୀ ପଣ୍ଡା)-ଔପଦା ତହସିଲ ପକ୍ଷରୁ ଗାନ୍ଧୀ ଜୟନ୍ତୀ ଅବସରରେ ଜମି ଅଧିକାର ଦିବସ ନିୟମରେ ଗରିବ, ଭୂମିହୀନ ଆଦିବାସୀଙ୍କୁ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ବ୍ଲକ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ପ୍ରଭାକର ସାହୁ, ଜିଲା ପରିଷଦ ସଭ୍ୟା ମୁନି ସିଂ, ବିଡ଼ିଓ ତଥା ତହସିଲଦାର ଅଭିଷେକ ଦାଶ, ସୁପରଭାଇଜର ଗଗନ ସିଂ ପ୍ରମୁଖ ପଟ୍ଟା ବଣ୍ଟନ କରିଥିଲେ।

## ସଂକ୍ଷେପରେ

### ବୈତରଣୀରୁ ନିଖୋଜ ବୃଦ୍ଧଙ୍କ ମୃତଦେହ ଜବତ

ପାଟଣା,୨।୧୦(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ଥାନା ଡାଲପକା ଗାଁ ବୈତରଣୀ ନଦୀର ଘୁର୍ଣ୍ଣିଦର ଘାଟରୁ ସୋମବାର ଜଣେ ଜଣେ ବୃଦ୍ଧଙ୍କ ମୃତଦେହ ଜବତ ହୋଇଛି। ମୃତକ ଜଣକ ସାହାରପଡ଼ା ବ୍ଲକ୍ କପୁଣ୍ଡି ପଞ୍ଚାୟତ ଧାନବେଣୀ ଗ୍ରାମର ହୀରା ଲାଲ ମହାନ୍ତ(୫୪)। ସେ ଗତ ସୋମବାର ସନ୍ଧ୍ୟାରେ ୨ ବନ୍ଧୁଙ୍କ ସହ କପୁଣ୍ଡି ଗ୍ରାମ ରୁଗୁଡିଭା ସାହିକୁ କରମା ନୃତ୍ୟ ଦେଖିବାକୁ ଯାଇ ନିଖୋଜ ଥିଲେ। ନିଖୋଜର ୭ ଦିନ ପରେ ୧୫ କି.ମି ଦୂର ଡାଲପକା ବୈତରଣୀ ନଦୀ ଘାଟରୁ ସନ୍ଦେହ ଜନକ ଭାବେ ତାଙ୍କ ଗଳିତ ମୃତଦେହ ଜବତ ହୋଇଛି। ଏ ନେଇ ପାଟଣା ଥାନାଧିକାରୀ ଦୀପ୍ତିରଞ୍ଜନ ସାହୁ କହିଛନ୍ତି, ହୀରାଲାଲ ୨ ବନ୍ଧୁଙ୍କ ସହ ରୁଗୁଡ଼ିଭା ଗ୍ରାମକୁ କରମା ନାଚ ଦେଖିବାକୁ ଯାଇଥିଲେ। ହୀରାଲାଲ ଶୋଇଥିବା ବେଳେ ୨ ସାଙ୍ଗ ଫେରି ଆସିଥିଲେ। ନିଶାସକ୍ତ ଅବସ୍ଥାରେ ବୈତରଣୀ ନଦୀକୁ ଶୌଚ ହେବା ପାଇଁ ଯାଇ ବୁଡ଼ି ଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡୁଛି। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସମସ୍ତ ଘଟଣା ଜଣାପଡ଼ିବ। ଏ ନେଇ ଥାନାରେ ଏକ ମାମଲା (ନଂ.୪୨/୨୩ ) ରୁଜୁ ହୋଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ କହିଛନ୍ତି।

### ତ୍ରିରଙ୍ଗା ପଦଯାତ୍ରା

ତିହିଡ଼ି,୨।୧୦(ସଞ୍ଜିତ ବଳ)- ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ପୀରହାଟର ପ୍ରଦେଶ ସେବା ସଙ୍ଗଠନ ପକ୍ଷରୁ ସୋମବାର ଗାନ୍ଧୀ ଜୟନ୍ତୀ ଅବସରରେ ତ୍ରିରଙ୍ଗା ପଦଯାତ୍ରା କରାଯାଇଛି। ପୀରହାଟ ପୁରୁଣାବଜାର କାଳୀପଡ଼ିଆସ୍ଥିତ ଗାନ୍ଧୀ ସ୍ମୃତିପୀଠରୁ ଏହି ଶୋଭାଯାତ୍ରା ବାହାରି ପୀରହାଟ ବଜାର, ବିନ୍ଧାବଜାର, ସିନ୍ଦୋଳ, କମାରିଆ ବଜାର ପରିକ୍ରମା କରି କୋହ୍ଲ ପେଟ୍ରୋଲ ପମ୍ପ ନିକଟରେ ପହଞ୍ଚିବା ପରେ ପୀରହାଟ ଫେରିଥିଲା। ସଙ୍ଗଠନ ପକ୍ଷରୁ ସକାଳେ ଚାରିବାଟିଆସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ପୀରହାଟ ପୋଲିସ ସହଯୋଗରେ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ସଙ୍ଗଠନର ସଭାପତି ରଞ୍ଜନ ମିଶ୍ର, ଧ୍ରୁବ ଚରଣ ପାଣିଗ୍ରାହୀ, ଆଲୋକ ବିକାଶ ପ୍ରିୟଦର୍ଶୀ, ଆର୍ତ୍ତବଲ୍ଲଭ ବାରିକ, ଗୌତମ ମିଶ୍ର, ଭାଗୀରଥି ମହାନ୍ତି, ଅକ୍ଷୟ ରଣା, ପବିତ୍ର ମୋହନ ବାରିକ, ହରେକୃଷ୍ଣ ପରିଡ଼ା, ରତିକାନ୍ତ ମହାକୁଡ଼, ଧୀରେନ୍ଦ୍ର ବାରିକ, ରାଜେନ୍ଦ୍ର ବାରିକ ପ୍ରମୁଖ ନେତୃତ୍ୱ ନେଇଥିଲେ।

### 'ନିଶାମୁକ୍ତ ବାଲିଆପାଳ' ଲାଗି ଶୋଭାଯାତ୍ରା

ବାଲିଆପାଳ, ୨।୧୦(ଗୋପାଳ ଚନ୍ଦ୍ର ସାହୁ)-ବାଲେଶ୍ୱର ଜିଲା ବାଲିଆପାଳକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବା ଦାବିରେ ଗାନ୍ଧୀ ଜୟନ୍ତୀ ଅବସରରେ ବାଲେଶ୍ୱର ଜନନୀ ପରିବାର ଟ୍ରଷ୍ଟର ବାଲିଆପାଳ ଶାଖା ପକ୍ଷରୁ ସୋମବାର ଏକ ଶୋଭାଯାତ୍ରା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ପ୍ରତିଷ୍ଠାତା ଆଇନଜୀବୀ ଜ୍ୟୋତ୍ସ୍ନାରାଣୀ ମହାନ୍ତିଙ୍କ ନେତୃତ୍ୱରେ ବାଲିଆପାଳ ବ୍ଲକ ଅନ୍ତର୍ଗତ ଇଡକୋ ଛକ ମହାତ୍ମା ଗାନ୍ଧୀ ସେବାଶ୍ରମରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଶତାଧିକ ମହିଳା ଶୋଭାଯାତ୍ରାରେ ଯାଇ ମୁଖ୍ୟ ରାସ୍ତା କଡରେ ଥିବା ବିଦେଶୀ ମଦ ଦୋକାନ ଆଗରେ ପିକେଟିଂ କରିଥିଲେ। ପରେ ଜଗନ୍ନାଥ ମନ୍ଦିର ନିକଟରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଜ୍ୟୋତ୍ସ୍ନା ମହାନ୍ତି ନିଶା ମଣିଷ ଭିତରେ ଥିବା ମଣିଷପଣିଆକୁ ନଷ୍ଟ କରିଦେଉଛି। ବାଲିଆପାଳ ମୁଖ୍ୟ ରାସ୍ତା କଡରେ ଥିବା ମଦ ଦୋକାନକୁ ବନ୍ଦ କରିବା ସହିତ ବାଲିଆପାଳକୁ ନିଶାମୁକ୍ତ କରିବା ପାଇଁ ଆନ୍ଦୋଳନ ଜାରି ରହିବ। ଅନ୍ୟମାନଙ୍କ ମଧ୍ୟରେ ରେ ବାଲେଶ୍ୱର ସମ୍ପାଦିକା ଲକ୍ଷ୍ମୀ ବେହେରା, ବାଲିଆପାଳ ବ୍ଲକ ସଭାପତି ସୁଭଦ୍ରା ରାଉତ, ସମ୍ପାଦିକା ସ୍ନେହଲତା ବେହେରା, ବିଷ୍ଣୁପ୍ରିୟା ମହାପାତ୍ର, ଜୟନ୍ତୀ ବଡେଇ,ସୁମତି ଘଡାଇ, ଯମୁନା ମଲ୍ଲିକ, ମଞ୍ଜୁଲତା ମହାନ୍ତି, ମିଲ୍ଲୀ ବଢ଼େଇ, କୌଶଲ୍ୟା ପଟାୟତ, ସୁଭଦ୍ରା ଦଳାଇ, ପୁଷ୍ପାଞ୍ଜଳି ମଲ୍ଲିକ, ନିଶାମୁକ୍ତି ଅଭିଯାନର ସଂଯୋଜକ ସଦାଶିବ ସେଠି, ଭୀଷ୍ମ ମଲ୍ଲିକ, ଶିଶିର ଖଣ୍ଡା ଓ ନାରାୟଣ ମହାନା ପ୍ରମୁଖ ସହଯୋଗ କରିଥିଲେ।

## ବସ୍ତୁବାଦିତା ସମାଜରେ ଗାନ୍ଧିଜୀଙ୍କ ଆଦର୍ଶର ଆବଶ୍ୟକତା ରହିଛି

କେନ୍ଦୁଝର(ଦୀପକ ମିଶ୍ର)/ଯୋଡ଼ା(ମାନସ ମହାନ୍ତି)/ ଢେଙ୍କିକୋଟ(ନୀଳମଣି ମଣ୍ଡଳ)/ ଚମ୍ପୁଆ(ମହେଶ୍ୱର ଦାସ),୨।୧୦



ଗାନ୍ଧୀ ଜୟନ୍ତୀରେ ଯୋଡା ସହରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ।

କେନ୍ଦୁଝରର ନିଉ କଲୋନୀସ୍ଥିତ ସିଟିଜି ଫାଉଣ୍ଡେସନ ଦ୍ୱାରା ପ୍ରତିଷ୍ଠିତ ହାୟର ସେକେଣ୍ଡାରୀ ସ୍କୁଲ ଏବଂ ଡିଗ୍ରୀ କମର୍ସ କଲେଜର ଚେୟାରମ୍ୟାନ୍ ରୋଟାରିୟାନ୍ ଡ଼ ରାଜେନ୍ଦ୍ର ପଲେଇଙ୍କ ତତ୍ତ୍ୱାବଧାନରେ ମହାତ୍ମାଗାନ୍ଧୀଙ୍କ ୧୫୪ତମ ଓ ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ୧୧୯ତମ ଜୟନ୍ତୀ ଶିକ୍ଷାନିକେତନରେ ପାଳିତ ହୋଇଯାଇଛି। ପ୍ରିନ୍ସିପାଲ ମାନସ ରଞ୍ଜନ ମହାପାତ୍ର ଦୁଇ ସୁଯୋଗ୍ୟ ସନ୍ତାନଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଆଜିର ବସ୍ତୁବାଦିତା ସମାଜରେ ଗାନ୍ଧୀଜୀଙ୍କ ଆଦର୍ଶର ଆବଶ୍ୟକତା ରହିଛି ବୋଲି କହିଥିଲେ। ଅଧ୍ୟାପକ କୃଷ୍ଣଚନ୍ଦ୍ର ମହାନ୍ତି, ନିକିତା ପଲେଇ, ସମ୍ପଦ କୁମାର, ନୀତିଶ ମହାନ୍ତ, ଗୋପବନ୍ଧୁ ପ୍ରାଚିପ୍ରଭା ଓ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ।

ସେହିପରି ସଦର ବ୍ଲକ୍ ଡିମ୍ବୋସ୍ଥିତ ଇଂ ବସନ୍ତ ଦାନୀଙ୍କ ଦ୍ୱାରା ପ୍ରତିଷ୍ଠିତ କେନ୍ଦୁଝର ଯାନ୍ତ୍ରିକ ବିଦ୍ୟାଳୟ, କେନ୍ଦୁଝର ଇନ୍ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ(ଫାର୍ମାସୀ କଲେଜ)ରେ ୨ ମହାପୁରୁଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସମୂହ ଅନୁଷ୍ଠାନର ନିର୍ଦ୍ଦେଶକ ଚୋଡ଼ଗଙ୍ଗଦେବ ଦାନୀ, କେନ୍ଦୁଝର ଯାନ୍ତ୍ରିକ ମହାବିଦ୍ୟାଳୟର ଅଧ୍ୟକ୍ଷ ଇଂ. ମୃତ୍ୟୁଞ୍ଜୟ ନାୟକ ଯୋଗଦେଇଥିଲେ।

ଯୋଡ଼ା ପୌରପାଳିକାରେ ନଗରପାଳ ଜଗଦୀଶ ପ୍ରସାଦ ସାହୁ, ଉପ ନଗରପାଳିକା ସନ୍ଧ୍ୟା ପାତ୍ର, ୧୪ ୱାର୍ଡର କାଉନ୍ସିଲର ଓ ପୌର କର୍ମକର୍ତ୍ତା ସହରରେ ଥିବା ସମସ୍ତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

### ବିଭିନ୍ନ ସ୍ଥାନରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ

ଢେଙ୍କିକୋଟ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ମୀନତି ମହାରଣା ଦୁଇ ମହାପୁରଷଙ୍କ ଫୋଟଚିତ୍ରରେ ଧୂପ ଦୀପ ପ୍ରଜ୍ଜଳନ ପୂର୍ବକ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

ଚମ୍ପୁଆ ଏନ୍ଏସି ପକ୍ଷରୁ ଏନ୍ଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥିଭାବେ ମିନାକ୍ଷୀ ମହାନ୍ତ ଯୋଗଦେଇ ଉଭୟ ମହାପୁରୁଷଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରି କରିଥିଲେ। ସେହିପରି ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମହତାବ ଉଚ୍ଚ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଆଦି ବିଭିନ୍ନ ବିଦ୍ୟାଳୟରେ ଦୁଇ ମହାପୁରୁଷଙ୍କ ଜନ୍ମଦିନ ପାଳିତ ହୋଇଥିଲା।

### ସବୁଜ ବିପ୍ଳବ ପାଇଁ ଚାରାରୋପଣ

ଗାନ୍ଧୀ ଜୟନ୍ତୀ ଅବସରରେ ସବୁଜ ବିପ୍ଳବକୁ ଆଗେଇ ନେବା ଲକ୍ଷ୍ୟରେ ପରିବେଶବିତ ଡ଼ ସନ୍ଦୀପ ପଟ୍ଟନାୟକ ନିଜସ୍ୱ ଉଦ୍ୟମରେ ଜିଲା କାରାଗାର ପରିସରରେ ବିଭିନ୍ନ କିମସର ଚାରାରୋପଣ କରିଛନ୍ତି। ସେ ପରିବେଶ ସୁରକ୍ଷା ଦିଗରେ ବ୍ୟାପକ ସଚେତନତା ସୃଷ୍ଟି କରି ୨୦୧୭ ରେ ପ୍ରକୃତିବନ୍ଧୁ ଏବଂ ଗ୍ରୀନ୍ ୱାରିୟର ଭାବେ ସମ୍ମାନିତ ହୋଇଥିଲେ। ଜିଲା କାରାଗାର ଅଧୀକ୍ଷକ କୁଅଁର ମାରାଣ୍ଡି, କାରାପାଳ ମନସ୍ୱିନୀ ନାୟକ ସହଯୋଗ କରିଥିଲେ। ସଦର ବନାଞ୍ଚଳ ଅଧିକାରୀ ବିଜୟ ମହାନ୍ତ ଚାରା ଯୋଗାଇ ଦେଇଥିଲେ।

## ସତ୍ୟ ଇ-ବାଇକ୍ ପକ୍ଷରୁ ସବୁଜ ଅଭିଯାନ

ବାରିପଦା,୨।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଷ୍ଟେଶନ ବଜାରସ୍ଥିତ ସତ୍ୟ ଇ-ବାଇକ୍ ପକ୍ଷରୁ ସୋମବାର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ସବୁଜ ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଷ୍ଟେଶନ ବଜାର ରାସ୍ତାର ଡିଭାଇଡରରେ ସୁରକ୍ଷା ବାଡ଼ ନିର୍ମାଣ କରାଯାଇ ଆକର୍ଷଣୀୟ ଫୁଲ ତଥା ବିଭିନ୍ନ ପ୍ରକାର ଚାରାରୋପଣ ଦ୍ୱାରା ସୌନ୍ଦର୍ଯ୍ୟ ବୃଦ୍ଧି ସହିତ ପରିବେଶ ସୁରକ୍ଷା ନେଇ ଲକ୍ଷ୍ୟ ରଖାଯାଇଛି। ଏନେଇ ସତ୍ୟ ଇ-ବାଇକ୍ର ନିର୍ଦ୍ଦେଶକ ରଜତ କୁମାର ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, କାଉନସିଲର ଦେବାଶିଷ ପାତ୍ର, ଅନନ୍ତ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାରାରୋପଣ କାର୍ଯ୍ୟର ଶୁଭାରମ୍ଭ କରିବା ସହ ସତ୍ୟ ଇ- ବାଇକ୍ର ଏଭଳି ସାମାଜିକ ଉଦ୍ୟମକୁ ପ୍ରଶଂସା କରିଥିଲେ। ସ୍ୱେଚ୍ଛାସେବୀ ପୂର୍ଣ୍ଣିମା ମହାକୁଡ଼, ଲିପୁ ବାରିକ, ଲୁଲୁ ପଟ୍ଟନାୟକ, ଶୁଭାଶିଷ ସାହୁ, ଦେବାଶିଷ ସାହୁ, ରୁଦ୍ର ବେହେରା, ସୁନିତା ପାତ୍ର ପ୍ରମୁଖ ଚାରାରୋପଣ କାର୍ଯ୍ୟରେ ସହଯୋଗ କରିଥିଲେ।



ରାସ୍ତା ଡିଭାଡରରେ ଚାରାରୋପଣ କରାଯାଉଛି।

## ଭାଜପା ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ

ବସ୍ତା(ହରିଶଙ୍କର ପାଢୀ)/ ରୂପସା(ବାଞ୍ଛାନିଧି ଦେ), ୨।୧୦

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ଅକ୍ଟୋବର ୧ରେ ସାରାଭାରତରେ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିବା ପାଇଁ ୧ ଘଣ୍ଟା ଶ୍ରମଦାନ ପୂର୍ବକ ସ୍ୱଚ୍ଛ ଭାରତ ଅଭିଯାନ ଆୟୋଜନ କରାଯାଇଛି। ସରକାରୀ, ବେସରକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ବ୍ୟକ୍ତିଗତ ଭାବେ ରବିବାର ସଦର ବ୍ଲକର ରୂପସା, ହଳଦୀପଦା ଓ ବାହାବଳପୁର ସମେତ ବସ୍ତାର ବିଭିନ୍ନ ସ୍ଥାନରେ ଏହି କାର୍ଯ୍ୟକ୍ରମରେ ଭାଗନେଇଛନ୍ତି।

ବସ୍ତା ଭାଜପା ତରଫରୁ କର୍ମୀମାନେ ଏକଜୁଟ ହୋଇ ବସ୍ତାର ପ୍ରାଣକେନ୍ଦ୍ର ଗାନ୍ଧୀଛକଠାରେ ରାସ୍ତାଘାଟ ସଫା କରି ଆବର୍ଜନା କୁଣ୍ଡ ସ୍ଥାପନା କରିଥିଲେ। ବରଯାତ୍ରୀ, ଦୋକାନୀ ଓ ଗ୍ରାହକମାନଙ୍କୁ ବର୍ଜ୍ୟବସ୍ତୁର ପରିଚାଳନା ସମ୍ପର୍କରେ ସଚେତନ କରାଇଥିଲେ। ସୋମବାର ଜୟନ୍ତୀ ଉପଲକ୍ଷେ ଗାନ୍ଧୀମୂର୍ତ୍ତିକୁ ସଫା କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପାର ବରିଷ୍ଠ ନେତା ଶ୍ୟାମାପ୍ରସାଦ ବେହେରା, ପୂର୍ବତନ ସମିତିସଭ୍ୟ ରାଧେଶ୍ୟାମ ମହାପାତ୍ର, ସୂର୍ଯ୍ୟନାରାୟଣ ସାହୁ, ଧୀରେନ ସେଠୀ, ପରମାନନ୍ଦ ମହାପାତ୍ର, ସୁଦର୍ଶନ ସାହୁ, ବିନୟକେତନ ଜେନା, ଦିବାକର ରାଉତ, ଶରତ ବାରିକ, ଅଜୟ ଜେନା, ମନୋଜ ସାମଲ, ନୀହାର ବେହେରା, ଦିଲ୍ଲୀପ ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ।



ଅଭିଯାନରେ ସାମିଲ ଭାଜପା ନେତା ଓ କର୍ମୀ।

## ବିଦ୍ୟାଳୟରେ ପାଠାଗାର ଉଦ୍‌ଘାଟିତ

### ୧ ଲକ୍ଷ ଟଙ୍କାର ପୁସ୍ତକ ଦାନ କଲେ ସାମାଜିକ କର୍ମୀ

ଭୋଗରାଇ, ୨।୧୦(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଚୌକି ଗ୍ରାମସ୍ଥିତ ଯୋଗେନ୍ଦ୍ର ସୁଚିତ୍ରା ବିଦ୍ୟାମନ୍ଦିରରେ ଉପେନ୍ଦ୍ର-ବାସନ୍ତୀ ନୂତନ ପାଠାଗାର ଗୃହକୁ ବୌଦ୍ଧିକ ପରିବେଶ ମଧ୍ୟରେ ରବିବାର ଉଦ୍‌ଘାଟନ କରାଯାଇଛି। ଏହି ଅବସରରେ ଛାତ୍ରୀଛାତ୍ର ଓ ଲକ୍ଷେ ଟଙ୍କା ମୂଲ୍ୟର ପୁସ୍ତକ ପ୍ରଦାନ କରି ନିଜ ଜନ୍ମଦିନକୁ ଉତ୍ସର୍ଗ କରିଛନ୍ତି ବିଶିଷ୍ଟ ସାମାଜିକ କର୍ମୀ ଡା. ଉପେନ୍ଦ୍ର କୁମାର ମହାନ୍ତି। ପାଠାଗାରକୁ ନାଇଦଳି ଏନ୍ଏନ୍ ହାଇସ୍କୁଲର ପ୍ରଧାନ ଶିକ୍ଷକ ବଳରାମ ଜେନା ଉଦ୍‌ଘାଟନ କରିଥିଲେ।

ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସରେ ଏହି ବରିଷ୍ଠ ସାମାଜିକ କର୍ମୀଙ୍କୁ ଜନ୍ମଦିବସରେ ବହୁ ବିଶିଷ୍ଟ ବ୍ୟକ୍ତି ଛାତ୍ରୀଛାତ୍ର ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଭାରେ ସଭାପତିତ୍ୱ କରିଥିଲେ ସାମାଜିକ କର୍ମୀ ଦେବବ୍ରତ ଗିରି। ସ୍କୁଲ ପ୍ରଧାନ ଶିକ୍ଷକ ହରିଶ ଚନ୍ଦ୍ର ଗିରି, ସହକାରୀ ଶିକ୍ଷକ ରବୀନ୍ଦ୍ର ପଣ୍ଡା ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତପ୍ରକାଶ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହେମନ୍ତ ବେହେରା, ମୁଖ୍ୟବକ୍ତା ପ୍ରାକ୍ତନ ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଘଡ଼ାଇ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ରଞ୍ଜନ କୁମାର ଜେନା, ଅଶୋକ କୁମାର ପଣ୍ଡା, ପଦ୍ମଲୋଚନ ମହାନ୍ତି ସ୍କୁଲ ପରିଚାଳନା କମିଟି ସଭାପତି ରବୀନ୍ଦ୍ର ନାଥ ବେହେରା, ମୋ ସ୍କୁଲ ଅଭିଯାନର ସଭାପତି ଗୁଣାଧର ଆଧେକ, ଅରବିନ୍ଦ ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍କୁଲ ପରିସରରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସହିତ ସଙ୍ଗୀତ, ନୃତ୍ୟ, ଏକକ ଅଭିନୟ, ଚିତ୍ରାଙ୍କନ, ବକ୍ତୃତା, ପ୍ରବନ୍ଧ, କୁଇଜ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଉତ୍ସବରେ ସ୍କୁଲର ସମସ୍ତ ଶିକ୍ଷୟିତ୍ର, ଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକ, ସ୍କୁଲ ପରିଚାଳନା କମିଟି ସଦସ୍ୟାସଦସ୍ୟ ଉପସ୍ଥିତ ଥିଲେ।

### ଅଟୋରେ ଗୋଚାଲାଣ, ୧୬ ଗୋରୁ ଜବତ

ବାଲିଆପାଳ, ୨।୧୦(ଅମୂଲ୍ୟ କୁମାର ଦାସ)-ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ଜାମଶୁଳୀ ଛକରେ ଚଢାଉ କରି ୩ ମାଲବାହୀ ଅଟୋରେ ଗୋଚାଲାଣ ବେଳେ ୧୬ଟି ଗୋରୁ ଉଦ୍ଧାର କରାଯାଇଛି। ପୋଲିସ ୩ଟି ମାଲବାହୀ ଅଟୋ ଜବତ କରିଛି। ଗତ ବିଳମ୍ବିତ ରାତିରେ ଅଟୋରେ ଗୋରୁ ଚୋରାଚାଲାଣ ହେଉଥିବା ନେଇ ସିଂଲା ପୋଲିସ ଖବର ପାଇ ଜାମଶୁଳୀ ଛକରେ ଚଢାଉ କରିଥିଲା। ଏହି ଘଟଣାରେ ପୋଲିସ ଡ୍ରାଇଭରଙ୍କ ସମେତ ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଉଦ୍ଧାର ଗୋରୁଗୁଡ଼ିକ ଗୋଶାଳାକୁ ପଠାଯାଇଥିବା ସିଂଲା ଥାନା ଅଧିକାରୀ ଭୁବନମୋହନ ସେଠୀ ସୂଚନା ଦେଇଛନ୍ତି। ଏହି ଘଟଣାରେ ସିଂଲା ପୋଲିସ ୩ଟି ଗାଡ଼ି ଜବତ କରିବା ସହ ଥାନାରେ ମାମଲା (ନଂ. ୧୮୨/୨୩) ରୁଜୁ ହୋଇ ଅଧିକ ତଦନ୍ତ ଜାରି ରହିଛି।

## ବିଏସ୍ଏନ୍ଏଲ୍ ଟାୱାରରୁ ୨୪ ବ୍ୟାଟେରି ଚୋରି

ବୈଶିଙ୍ଗା,୨।୧୦(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗାସ୍ଥିତ ବିଏସ୍ଏନ୍ଏଲ୍ ଟାୱାରରୁ ବ୍ୟାଟେରି ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ରବିବାର ବିଳମ୍ବିତ ରାତିରେ କଣ୍ଟ୍ରୋଲ ରୁମ୍ର ଲୁହା ଝରକା ଭାଙ୍ଗି ୨୪ଟି ମୂଲ୍ୟବାନ ବ୍ୟାଟେରି ଚୋରି ହୋଇଛି। ଏନେଇ କଣ୍ଟ୍ରୋଲ ରୁମ୍ ଅଧିକାରୀ ନଟରାଜ ନାୟକ ବୈଶିଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ଥାନାଧିକାରୀ ତପନ କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଏହି ଟାୱାରର ସିସିଟିଭି କ୍ୟାମେରା ଦୀର୍ଘଦିନ ହେବ ଅଚଳ ହୋଇପଡ଼ିଥିବା ବେଳେ ସିକ୍ୟୁରିଟି ଗାର୍ଡ ମୁତୟନ ମଧ୍ୟ କରାଯାଇନାହିଁ। ଏହି ସରକାରୀ ସଂସ୍ଥା ଗ୍ରାହକଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଶୁଳ୍କ ଆଦାୟ କରୁଥିବା ବେଳେ ଠିକ୍ ସେବା ଯୋଗାଇଦେବାକୁ ବିଫଳ ହୋଇଥିବା ଅଭିଯୋଗ ହୋଇଛି। ଦାୟୀତ୍ୱହୀନତା ଯୋଗୁ ବିଦ୍ୟୁତ୍ ଯୋଗାଣ ନ ଥିବା ସମୟରେ ମୋବାଇଲ ସେବା ମଧ୍ୟ ଅଞ୍ଚଳବାସୀଙ୍କୁ ମିଳୁ ନ ଥିବା ସୂଚନା ମିଳିଛି।

## ଭାଜପାର ଗାନ୍ଧୀ ସଂକଳ୍ପ ଯାତ୍ରା

ବାସୁଦେବପୁର, ୨।୧୦(ନାରାୟଣ ପ୍ରସାଦ ବାରିକ)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଭାଜପା ପକ୍ଷରୁ ସୋମବାର ଗାନ୍ଧୀ ଜୟନ୍ତୀ ଅବସରରେ ଗାନ୍ଧୀ ସଂକଳ୍ପ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ରାଜଘରପୋଖରୀ ବଜାରଠାରୁ ଭାଜପା କର୍ମୀ ଓ ସମର୍ଥକ ସଂକଳ୍ପ ଯାତ୍ରାରେ ସାମିଲ ହୋଇ ବାଲିମେଦ ପଞ୍ଚାୟତର ଐତିହାସିକ ଗାନ୍ଧୀ ସ୍ମୃତିପୀଠରେ ପହଞ୍ଚି ପରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଭାଜପା ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ବରିଷ୍ଠ ନେତା ଅଶୋକ କୁମାର ସାହୁ, ଜିଲା ଉପସଭାପତି ଉଦୟ ନାରାୟଣ ମଲିକ, କୋଷାଧ୍ୟକ୍ଷ ଜୟପ୍ରକାଶ ମଲିକ, ରାଜଘରପୋଖରୀ ପଞ୍ଚାୟତର ସରପଞ୍ଚ ଅରୁଣ ମହାନ୍ତି, ମଣ୍ଡଳ ସଭାପତି ସୁବାସ ପ୍ରଧାନ, ମୁକ୍ତିକାନ୍ତ ଘଡ଼େଇ, ବିମ୍ବାଧର ଜେନା, ଯୁବନେତା ମନୋଜ ନାୟକ, ମଧୁସୂଦନ ପାଢ଼ୀ, ନରହରି ମହାକୁଡ଼, ଦୁଷ୍ମନ୍ତ ମଲିକଙ୍କ ସମେତ କର୍ମୀ, ସମର୍ଥକ ଓ ବିଭିନ୍ନ ବର୍ଗର ଲୋକେ ଏହି ଯାତ୍ରାରେ ସାମିଲ ଥିଲେ।

## ଗାନ୍ଧୀ ଜୟନ୍ତୀରେ ସଫେଇ କଲେ ଦିବ୍ୟାଙ୍ଗ

ନୀଳଗିରି, ୨।୧୦(ପ୍ରଶାନ୍ତ ବିଶ୍ୱାଳ)

ପ୍ରକୃତିକୁ ଭଲ ପାଉଥିବା ମଣିଷ ହେଉଛନ୍ତି ରାଜେନ୍ଦ୍ର। ଦୁର୍ଘଟଣାରେ ଗୋଟିଏ ଗୋଡ଼ ହରାଇବା ପରେ ମଧ୍ୟ ସେ ଥକି ପଡ଼ିନାହାନ୍ତି। ଗତ ୨୦୧୬ରୁ ଦୀର୍ଘ ୬ ବର୍ଷ ହେବ ନୀଳଗିରି ସହରର ବିଭିନ୍ନ ସ୍ଥାନରେ ଗଛ ଲଗାଇବା, ସ୍ୱଚ୍ଛଭାରତ, ରକ୍ତଦାନ ଶିବିର ଆଦି ଆୟୋଜନ କରି ବେଶ୍ ଚର୍ଚ୍ଚାର ରହିଥାନ୍ତି।

ରାଜେନ୍ଦ୍ର ଜେନା (୫୨)ଙ୍କ ଘର ବାଲେଶ୍ୱର ଜିଲା ନୀଳଗିରି ଏନ୍ଏସିର ଅଞ୍ଚଳ ଘାଟଘର ସାହିରେ। ସୋମବାର ଗାନ୍ଧୀ ଜୟନ୍ତୀ ଅବସରରେ ଏକ ଭିନ୍ନ ଢଙ୍ଗରେ ସ୍ୱଚ୍ଛଭାରତ ଅଭିଯାନ ଆରମ୍ଭ କରିଛନ୍ତି। ପ୍ରଥମେ ନୀଳଗିରି ମା' ଗୁଣ୍ଡିଚା ମନ୍ଦିର ପଶ୍ଚିମ, ଉତ୍ତର ପାର୍ଶ୍ୱ ଏବଂ ବଡ଼ଦାଣ୍ଡ ସହିତ କେସି ହାଇସ୍କଲ ପଡ଼ିଆରେ ଅଳିଆ ଆବର୍ଜନାକୁ ନିଜେ ଓ ସହଯୋଗୀଙ୍କ ସହାୟତାରେ ସଫେଇ କରିଛନ୍ତି। ପୂର୍ବରୁ ବିଭିନ୍ନ ସ୍ଥାନରେ ପରିବେଶ ସୁରକ୍ଷା ଅଭିଯାନ, ବୃକ୍ଷରୋପଣ ପାଇଁ ତାଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଶଂସା କରିଥିଲେ। ପରିବର୍ତ୍ତିତ ପରିବେଶ ଲାଗି ଏସବୁ କାର୍ଯ୍ୟ ଅତ୍ୟନ୍ତ ଜରୁରୀ ବୋଲି ରାଜେନ୍ଦ୍ର ମତ ରଖିଛନ୍ତି।



**ପୂର୍ବ ତଟ ରେଳପଥ**

ନିଲାମ କାଟ୍‌ଲଗ୍ ନଂ.PnU-T-KUR-23-24
ପେ ଆଣ୍ଡ ୟୁଜ୍ ଶୌଚାଳୟ ପାଇଁ ଇ-ନିଲାମ

**ଷ୍ଟେସନ ଏବଂ ସ୍ଥାନ :** (1) କଟକ-ପେ ଆଣ୍ଡ ୟୁଜ୍ (P&U)ଶୌଚାଳୟ (ପ୍ଲାଟଫର୍ମ ନଂ.1, ଭଦ୍ରକ ସୀମାରେ), (2) ଯାଜପୁର କେନ୍ଦୁଝର ରୋଡ୍-ପେ ଆଣ୍ଡ ୟୁଜ୍ ଶୌଚାଳୟ (P&U) (ପ୍ରି-ଫାବ୍ରିକେଟେଡ୍) (ପରିଚଳନ କ୍ଷେତ୍ରରେ), (3) ଭଦ୍ରକ-ପେ ଆଣ୍ଡ ୟୁଜ୍ ଶୌଚାଳୟ (P&U) (ପ୍ଲାଟଫର୍ମ ନଂ.1 ଏବଂ 2, ମଧ୍ୟଭାଗରେ)।

**ନିଲାମ ଆରମ୍ଭ ହେବା ତାରିଖ ଏବଂ ସମୟ :** ତା.13.10.2023 ରିଖ 1100 ଘଟିକାରେ (କ୍ରମ ସଂ.1, 2 ଏବଂ 3 ନିମନ୍ତେ)।

**ନିଲାମ ଶେଷ ହେବା ତାରିଖ :** ତା.13.10.2023 ରିଖ (କ୍ରମ ସଂ.1, 2 ଏବଂ 3 ନିମନ୍ତେ) ଏବଂ ନିଲାମ ଶେଷ ହେବା ସମୟ : 1130 ଘଟିକାରେ (କ୍ରମ ସଂ.1 ପାଇଁ), 1140 ଘଟିକାରେ (କ୍ରମ ସଂ.2 ପାଇଁ) ଏବଂ 1150 ଘଟିକା(କ୍ରମ ସଂ.3 ପାଇଁ)।

ନିଲାମ କାଟ୍‌ଲଗ୍ ନଂ.Prkng-KUR-23-47
ପାର୍କିଙ୍ଗ୍ ଷ୍ଟାଣ୍ଡ ପାଇଁ ଇ-ନିଲାମ

**ଷ୍ଟେସନ ଏବଂ ସ୍ଥାନ :** (1) ରାଜସୁନାଖଳା-2 ଚକିଆ (ଷ୍ଟେସନ ବିଲ୍ଡିଙ୍ଗର ବେସ୍‌ମେଣ୍ଟରେ), (2) ନିରାକାରପୁର - ମିଶ୍ରିତ - 2 ତଥା 4 ଚକିଆ (ପରିଚଳନ କ୍ଷେତ୍ର ନିକଟରେ)।

**ନିଲାମ ଆରମ୍ଭ ହେବା ତାରିଖ ଏବଂ ସମୟ :** ତା.13.10.2023 ରିଖ 1300 ଘଟିକାରେ (କ୍ରମ ସଂ.1 ଏବଂ 2 ନିମନ୍ତେ)।

**ନିଲାମ ଶେଷ ହେବା ତାରିଖ :** ତା.13.10.2023 ରିଖ (କ୍ରମ ସଂ.1 ଏବଂ 2 ନିମନ୍ତେ) ଏବଂ ନିଲାମ ଶେଷ ହେବା ସମୟ : 1330 ଘଟିକା (କ୍ରମ ସଂ.1 ପାଇଁ) ଏବଂ 1340 ଘଟିକା (କ୍ରମ ସଂ.2 ପାଇଁ)।

ଦ୍ରଷ୍ଟବ୍ୟ: ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବ୍‌ସାଇଟ୍ https://www.ireps.gov.in ର ଇ-ଅକ୍ସନ ଲିଜ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ୍
PR-634/O/23-24

## ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହ

ଭଦ୍ରକ, ୨।୧୦(ସନାତନ ରାଉତ)

ଭଦ୍ରକଜିଲାସ୍ତରୀୟ ଗାନ୍ଧୀଜୟନ୍ତୀ ସୋମବାର ମହାସମାରୋହରେ ପାଳିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଜିଲା ସଂସ୍କୃତି ଭବନରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ଏମ୍ପି ମଞ୍ଜୁଲତା ମଣ୍ଡଳ, ଅନ୍ୟତମ ଅତିଥି ଭାବେ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ଭଦ୍ରକ ସ୍ୱାଧୀନତା ସଂଗ୍ରାମୀ ସଂଘର ସମ୍ପାଦକ ଶ୍ୟାମସୁନ୍ଦର ବେହେରା, ଏସ୍ପି ବରୁଣ ଗୁଣ୍ଟୁପାଲ୍ଲି, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ସ୍ତମ୍ଭକାର ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଭଦ୍ରକକୁ ଗାନ୍ଧିଜୀଙ୍କ ଆଗମନ, ଭାରତର ସ୍ୱାଧୀନତା ପାଇଁ ଗାନ୍ଧିଜୀଙ୍କ ସତ୍ୟାଗ୍ରହ, ଅସହଯୋଗ ଆନ୍ଦୋଳନ, ଭାରତଛାଡ଼ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ବିଦେଶୀ ବସ୍ତୁ ବର୍ଜନ, ନିଶା ନିବାରଣ, ଭାରତୀୟ ମୁକ୍ତି ସଂଗ୍ରାମରେ ଭଦ୍ରକ ଜିଲାର ଅବଦାନ ଉପରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ।

ଏହିଅବସରରେ ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରୀଜଗନ୍ନାଥ କଳା ସଂସ୍କୃତି ସଂଘ, ଭଦ୍ରକର ପ୍ରଯୋଜକ ଓ ସଙ୍ଗୀତ ନିର୍ଦ୍ଦେଶକ ରୁଦ୍ରମାଧବ ବାରିକଙ୍କ ନେତୃତ୍ୱରେ କଳାକାରମାନେ ଭଜନ ବୈଷ୍ଣବ ଜନ ତୋ ଓ ରଘୁପତି ରାଘବ ରାଜା ରାମ ପରିବେଷଣ କରିଥିଲେ। ଜିଲାପାଳ, ଏମ୍ପି, ବିଧାୟକ, ଜିଲା ପରିଷଦ ଅଧ୍ୟକ୍ଷଙ୍କ ସହ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଗାନ୍ଧୀ ଅନୁଷ୍ଠାନର କର୍ମକର୍ତ୍ତା ଶାନ୍ତନୁ ରାଉତ, ପବନ କୁମାର ଶର୍ମା, ସାମାଜିକ କର୍ମୀ ଅଜୟ ନାୟକ ପ୍ରମୁଖ ଗାନ୍ଧୀପଡ଼ିଆ, ମହତାବ କୋଠି, ଭଦ୍ରକ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ଓ ଜିଲା ସ୍କୁଲ ପରିସରରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ସଂଯୋଜନାରେ ବିଭିନ୍ନ ଗାନ୍ଧୀ ଅନୁଷ୍ଠାନର କର୍ମକର୍ତ୍ତା, ବିଦ୍ୟାର୍ଥୀ, ସମାଜସେବୀ, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ। ଗରଦପୁରସ୍ଥିତ ଗାନ୍ଧୀ ଓଡ଼ିଶା ବାଳାଶ୍ରମରେ ଗାନ୍ଧୀ ବିଚାର ମଞ୍ଚ, ଗାନ୍ଧୀ ଶାନ୍ତି ପ୍ରତିଷ୍ଠା ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ନେଇ ଗାନ୍ଧୀ ବିଚାର ଓ ଦର୍ଶନ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅଜୟ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ଅତିଥି ଭାବେ ଡ. ଭାଗବତ ତ୍ରିପାଠୀ, ସାମାଜିକ କର୍ମୀ ସୁଧାକର ରାଉତ, ଗାନ୍ଧୀ ପ୍ରତିଷ୍ଠାନର ସଭାପତି ପବନ ଶର୍ମା, ଡ. ପ୍ରଫୁଲ୍ଲ ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଯୋଗ ଦେଇଥିଲେ। ବାଳାଶ୍ରମର ସମ୍ପାଦକ ଅଶୋକ କୁମାର ଦାସ ସଂଯୋଜନା କରିଥିବା ବେଳେ ସହକାରୀ ପରିଚାଳକ ହୃଷିକେଶ ମହାନ୍ତି ସହଯୋଗ କରିଥିଲେ।





ଅତିଥିମାନେ ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

**Notice of Lodgement of Petition of Appeal to the Respondent**
**(RULE 8 (I) & (III) of ORDER XIX, S.C.R. 2013)**
**IN THE SUPREME COURT OF INDIA**
**CIVIL APPELLATE JURISDICTION**
**CIVIL APPEAL NO. 3124 OF 2016**

(Appeal by Special Leave granted by this Court's Order dated the **18th March, 2016** in Petition for Special Leave to Appeal (Civil) No.11174 of 2012 from the Judgment and Order dated the **24th June, 2011** of the **HIGH COURT OF JUDICATURE AT BOMBAY, MAHARASHTRA IN WP NO. 644 OF 2011**).

**PARSEE CENTRAL ASSOCIATION CO-OPERATIVE HOUSING SOCIETY LTD.** ...Petitioner(s) / Appellant(s)

**VERSUS**

**ANAHITA H. ENGINEER AND OTHERS** ... Respondent(s)

To,
**KASHMIRA M. BODHANWALA,** R. No. 2 (b)
**RESIDING AT 673, FARIDUN MODI HOUSE,**
**2ND FLOOR, ROAD NO. 12, DADAR, PARSI COLONY,**
**DISTRICT - MUMBAI, MAHARASHTRA**
**(PROCESS ID: 164300/2023)**
**C. A. NO. 3124/2016/III**

TAKE NOTICE that the Appellant above-named has on **03rd March, 2012** filed in the Registry of the Supreme Court, Petition for Special Leave to Appeal (Civil) No. 11174 of 2012 from the Judgment and Order of the High Court above mentioned and pursuant to this Court's Order dated granting Special Leave to Appeal the case has been registered as **Civil Appeal No. 3124 of 2016.**

NOTICE IS HEREBY given to you that if you wish to contest the Appeal, you may appear before this Court, within thirty days of the receipt of this Notice either in person or by an Advocate-on-Record of this Court appointed by you in that behalf and take such part in the proceedings as you may be advised.

TAKE FURTHER NOTICE THAT in default of your appearance within the time prescribed, the Appeal will be proceeded with and determined in your absence and no further notice in relation thereto shall be given to you.

**Dated: 18th August, 2023**

Sd/-
**ASSISTANT REGISTRAR**

## ଟ୍ରକ୍ ଜଳିଗଲା

ବଡ଼ବିଲ,(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡ଼ବିଲ ଭଦ୍ରାସାହି ଛକ ନିକଟରେ ସୋମବାର ଏକ ଟ୍ରକ୍ ଜଳିଯାଇଛି। ଅପରାହ୍ଣରେ (ନଂ. ଡବ୍ଲୁବି ୨୯ସିଆ୬୭୩) ବିଶିଷ୍ଟ ଏକ ଲୁହାପଥର ବୋଝେଇ ଟ୍ରକ୍‌ରେ ନିଆଁ ଲାଗିଯାଇଥିଲା। ବଡ଼ବିଲ ଅଗ୍ନିଶମ ଗର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ହେଁ ସେତେ ବେଳକୁ ଟ୍ରକର ସମ୍ମୁଖ ଭାଗ ଜଳି ସାରିଥିଲା। ଟ୍ରକ୍ ଭିତରେ ଗ୍ୟାସରେ ରୋଷେଇ ଯୋଗୁ ଅଘଟଣ ଘଟିଥିବା କୁହାଯାଉଛି। ଟ୍ରକ୍ ଡ୍ରାଇଭର ଘଟଣାସ୍ଥଳରୁ ଖସି ପଳାଇଥିବାରୁ କାରଣ ସ୍ପଷ୍ଟ ହୋଇନାହିଁ।

## ସଂକ୍ଷେପରେ

### ଆବାସସ୍ଥଳୀ ଅଧିକାର ତାଲିମ

କେନ୍ଦୁଝର,୨।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅନ୍ତର୍ଗତ କରଙ୍ଗାଡିହି ପଞ୍ଚାୟତ ଭୂୟାଁ ବୈତରଣୀ ଗ୍ରାମଠାରେ ରବିବାର ପାଉଡ଼ିଭୂୟାଁ ଜନଜାତିଙ୍କ ଆବାସସ୍ଥଳୀ ଅଧିକାର ପାଇଁ ଆବଶ୍ୟକୀୟ କାଗଜପତ୍ର ପ୍ରସ୍ତୁତି ସମ୍ପର୍କରେ ଏକ ଦିନିକିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆରସିଡ଼ିସି ଅନୁଷ୍ଠାନ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଭୂୟାଁ ଜନଜାତି ସମାଜର ସଭାପତି ପ୍ରଦୀପ କୁମାର ପ୍ରଧାନଙ୍କ ଆହ୍ୱାନ କ୍ରମେ ବିଭିନ୍ନ ଗ୍ରାମରୁ ୬୦ରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳକ ଆନନ୍ଦ ସେଠୀ ବିସ୍ତୃତ ଭାବେ ବିଭିନ୍ନ ପ୍ରକାରର କାଗଜ ପ୍ରସ୍ତୁତି ପାଇଁ ତାଲିମ ପ୍ରଦାନ କରିଥିଲେ। ବାରିକ ସ୍ୱାଇଁ, କିଶୋର କଟେଇ, ତମାଳ ପ୍ରଧାନ ଆଦି ନେତୃ ସ୍ଥାନୀୟ ଲୋକେ ଆବାସସ୍ଥଳୀ ଅଧିକାର ପାଇଁ ଆରସିଡ଼ିସିର ଉଦ୍ୟମକୁ ସାଧୁବାଦ ଜଣାଇଥିଲେ। ଶେଷରେ ସ୍ଥାନୀୟ ବିଦ୍ୟାଳୟରେ ସଫେଇ କାର୍ଯ୍ୟକ୍ରମ କରାଯାଇ ଅନାବନା ଗଛ କାଟିବା ସହ ନିଜ ଗ୍ରାମରେ ନିୟମିତ ସଫେଇ କରି ସ୍ୱଚ୍ଛ ଭାରତ ଅଭିଯାନକୁ ସଫଳ କରିବାକୁ ନିଷ୍ପତ୍ତି ନେଇଥିଲେ।

### ସ୍ମୃତିରଞ୍ଜନ ଭାଜପା ଯୁବମୋର୍ଚ୍ଚା ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ

ଚାନ୍ଦବାଲି, ୨।୧୦(କିଶାନ ପାତ୍ର)– ରାଜ୍ୟ ଭାଜପା ଯୁବମୋର୍ଚ୍ଚାର ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ଚାନ୍ଦବାଲି ଭାଜପାର ଯୁବନେତା ତଥା ଅଖିଳ



ଭାରତୀୟ ବିଦ୍ୟାର୍ଥୀ ପରିଷଦର ପୂର୍ବତନ ଛାତ୍ରନେତା ସ୍ମୃତିରଞ୍ଜନ ନାୟକଙ୍କୁ ମନୋନୀତ କରାଯାଇଛି। ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା ସ୍ମୃତିରଞ୍ଜନଙ୍କ ନାମକୁ ଅନୁମୋଦନ କରିଛନ୍ତି। ଏଥିପାଇଁ ସେ ରାଜ୍ୟ ସଭାପତି ମନମୋହନ ସାମଲ ଓ ଅଭିଳାଷ ପଣ୍ଡାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆଳିର ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକଙ୍କ ପୁଅ ସ୍ମୃତିରଞ୍ଜନ ପୂର୍ବରୁ ଦଳ ପାଇଁ ସଫଳତାର ସହ କାମ କରିଥିଲେ।

### ଜରାନିବାସରେ ବରିଷ୍ଠ ନାଗରିକ ଦିବସ

ରାଇବଣିଆ, ୨।୧୦(ନବୀନ ସାହୁ)– ଜଳେଶ୍ୱର ବ୍ଲକ୍ ଖୁଆଡ଼ ପଞ୍ଚାୟତ ପୁରୁଣାପାଣିରେ ଥିବା ପ୍ରୟାସ ବରିଷ୍ଠ ନାଗରିକ ଜରାନିବାସଠାରେ ରବିବାର ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜଳେଶ୍ୱର ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସନ୍ଧ୍ୟାରାଣି ସିଂ ଯୋଗ ଦେଇଥିଲେ। ଖୁଆଡ ପଞ୍ଚାୟତର ପୂର୍ବତନ ସରପଞ୍ଚ ଧିରେନ୍ଦ୍ର ନାଥ ଦାସ, ପୁରୁଣାପାଣି ଗ୍ରାମ୍ୟ କମିଟି ସଭାପତି ବୀରକିଶୋର ଦାସ, ସାମାଜିକ କର୍ମୀ ମାନସ ରଞ୍ଜନ ଜେନା, ସୁବ୍ରତ କୁମାର ଶାସମଲ, ଯୁବ ଖବରଦାତା ଅଂଶୁମୋଚନ ଘୋଷ, ନବୀନ କୁମାର ସାହୁ ସହିତ ଯତୀନ୍ଦ୍ର ଘୋଷ, ଗୋପାଳ ଚନ୍ଦ୍ର ଦାସ, ପ୍ରମୋଦ ବ୍ରହ୍ମଦର୍ଶ ବେହେରା ପ୍ରମୁଖ ଯୋଗଦେଇଥିଲେ। ଜଳେଶ୍ୱର ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀଙ୍କ ଦ୍ୱାରା ୩ଜଣଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରିଥିଲେ। ଅନୁଷ୍ଠାନ କର୍ମୀ ବାସୁଦେବ ଦାସ, ଜଗନ୍ନାଥ ପାତ୍ରଙ୍କ ସହିତ ଅନ୍ୟ କର୍ମୀମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ଅନୁଷ୍ଠାନ ପ୍ରତିଷ୍ଠାତା ଜୀବନକିଶୋର ମଲ୍ଲିକଙ୍କୁ ଏପରି ପ୍ରଶଂସନୀୟ କାର୍ଯ୍ୟ ପାଇଁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା।

### ସର୍ବଭାରତୀୟ ବିଜ୍ଞାନମେଳାକୁ ମନୋନୀତ ପ୍ରଭୁଦତ୍ତଙ୍କ ପ୍ରକଳ୍ପ

ବନ୍ତ,୨।୧୦ (ହରିନାରାୟଣ ମହାନ୍ତି)– ଭଦ୍ରକ ଜିଲା ବନ୍ତ ବ୍ଲକ ଟିଲୋ ବଡ଼ସାହି ଗ୍ରାମର ତଥା ଭୁବନେଶ୍ୱର ରସୁଲଗଡ଼ସ୍ଥିତ ବାଲିଆପଟା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୦ମ ଶ୍ରେଣୀ ଛାତ୍ର ପ୍ରଭୁଦତ୍ତ ଦାଶଙ୍କ ପ୍ରକଳ୍ପ 'ଗତି ଉପରେ ଆଧାରିତ ନମୁନା' ସର୍ବଭାରତୀୟ ସ୍ତରକୁ ମନୋନୀତ ହୋଇଛି। ନଭେମ୍ବର ୩ରୁ ୭ ପର୍ଯ୍ୟନ୍ତ ପଞ୍ଜାବର ଅମୃତସରଠାରେ ହେବାକୁ ଥିବା ସର୍ବଭାରତୀୟ ବିଜ୍ଞାନ ମେଳାରେ ସେ ଭାଗନେବେ। ପ୍ରଭୁଦତ୍ତ ଟିଲୋର ମନୋରଞ୍ଜନ ଦାଶ ଏବଂ ଝରଣାମୟୀଙ୍କ ଏକମାତ୍ର ପୁଅ। ତାଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ, ବିଜ୍ଞାନ ପ୍ରମୁଖ, ବିଦ୍ୟାଳୟ ପରିଚାଳନା ସମିତି, ସମସ୍ତ ଗୁରୁମା ଗୁରୁଜୀ ଏବଂ ସ୍ୱଦେଶୀ ଜାଗରଣ ମଞ୍ଚ ସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

# 'ସଚେତନ ହେଲେ ରୋକି ହେବ ସାଇବର କ୍ରାଇମ୍'

**ବାଲେଶ୍ୱର, ୨।୧୦(ମାନସ ବିଶ୍ୱାଳ)**

ବାଲେଶ୍ୱର ଗାନ୍ଧୀ ସ୍ମୃତି ଭବନରେ ଗାନ୍ଧୀ ଜୟନ୍ତୀର ଶୁଭ ଅବସରରେ ଓଡ଼ିଶା ପୋଲିସ ଏବଂ ବାଲେଶ୍ୱର ପୋଲିସ ଆନୁକୂଲ୍ୟରେ ନାଗରିକମାନଙ୍କର ଡିଜିଟାଲ ନିରାପତ୍ତା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଏକ ବ୍ୟାପକ ସାଇବର ସୁରକ୍ଷା ଅଭିଯାନର ଉଦ୍‌ଘାଟନୀ ସମାରୋହ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ଅଧ୍ୟକ୍ଷତା କରି ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଏହି ସାଇବର ସୁରକ୍ଷା ରଥ ସମସ୍ତ ବ୍ଲକ ମୁଖ୍ୟାଳୟ ଏବଂ ପୋଲିସ୍ ଷ୍ଟେଶନକୁ ସ୍ପର୍ଶ କରିବ। ସୁରକ୍ଷା ରଥରେ ଅଡିଓ/ଭିଡ଼ିଓ ମେସେଜ ଦ୍ୱାରା ଦୈନନ୍ଦିନ ଜୀବନର ବିଭିନ୍ନ ଦିଗ ପାଇଁ ଇଣ୍ଟରନେଟ ଉପରେ ନିର୍ଭରଶୀଳ ହେବା ସହିତ ଭର୍ଚୁଆଲ ଦୁନିଆରେ ଥିବା ସମ୍ଭାବ୍ୟ ବିପଦ ବିଷୟରେ ଯଥା ଅନଲାଇନ୍ ଗୋପନୀୟତା, ସୁରକ୍ଷିତ ସୋସିଆଲ୍




ଅତିଥିମାନେ ପତାକା ଦେଖାଇ ସାଇବର ସୁରକ୍ଷା ରଥ ଶୁଭାରମ୍ଭ କରୁଛନ୍ତି।

ମିଡ଼ିଆ ବ୍ୟବହାର, ସାଇବର ଠକାମୀ ଏବଂ ଅନଲାଇନ୍ ସ୍କାମ ସମ୍ବନ୍ଧରେ ବାର୍ତ୍ତା ପ୍ରସାର କରାଯିବ। ଏହି ପରିପ୍ରେକ୍ଷୀରେ ଆସନ୍ତା ଅକ୍ଟୋବର ୮ ତାରିଖରେ 'ରାହଗିରି' ପାଳନ କରାଯିବ ଯେଉଁଥିରେ ବାଲେଶ୍ୱର ବାସିନ୍ଦାଙ୍କ ପାଇଁ ଅନେକ କାର୍ଯ୍ୟକଳାପ ଆୟୋଜନ କରାଯିବ। ଏଥିସହିତ ସଚେତନ ହେଲେ ସାଇବର କ୍ରାଇମ୍ ରୋକିହେବ ବୋଲି କହିଥିଲେ।

ଅତିଥି ଭାବେ ବାଲେଶ୍ୱର ବିଧାୟକ ସ୍ୱରୁପ କୁମାର ଦାସ, ପୌରାଧ୍ୟକ୍ଷା ସବିତା ସାହୁ, ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ଯୋଗଦେଇଥିବା ବେଳେ ବାଲେଶ୍ୱର ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଉପଜିଲାପାଳ କୁନାଲ ମୋତିରାମ ଚୌହ୍ୱାନ, ଉପଖଣ୍ଡ ବନ ଅଧିକାରୀ ଖୁଶୱନ୍ତ ସିଂ ଉକ୍ତ ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସଭାରେ ଓଡ଼ିଶା ପୋଲିସରେ କାର୍ଯ୍ୟରତ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କର ଏକ ଭିଡ଼ିଓ ବାର୍ତ୍ତା ପ୍ରଦର୍ଶନ କରାଯିବା ସହିତ ସାଇବର ସଚେତନତା ଉପରେ ଆଧାରିତ ସ୍କିଟ୍ ଏବଂ ସମୂହ ନୃତ୍ୟ ପରିବେଷଣ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ହୋଇଥିବା କୁଇଜ୍ ପ୍ରତିଯୋଗିତା କୃତି ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଜିଲାସ୍ତରୀୟ ସମସ୍ତ ବରିଷ୍ଠ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମକର୍ତ୍ତା, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଛାତ୍ରୀଛାତ୍ରବୃନ୍ଦ ଏବଂ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ। ବାଲେଶ୍ୱର ସିଟି ଡିଏସ୍‌ପି ଗାୟତ୍ରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଡ଼ିଲା ସାଇବର ସୁରକ୍ଷା ସଚେତନତା ରଥ



ବାରିପଦାଠାରେ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଓ ଅନ୍ୟମାନେ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

**ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ମୋରଡ଼ା (ସ୍ମାରକ ମାଜୀ),୨।୧୦**

ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ମୟୂରଭଞ୍ଜ ଜିଲା ପୋଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ ରଥର ଶୁଭାରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ସ୍କୁଲ ଓ ଗଣଶିକ୍ଷାମନ୍ତ୍ରୀ ସୁଦାମ ମାର୍ଣ୍ଡି, ଅନ୍ୟତମ ଅତିଥି ଭାବେ ଉତ୍ତରାଞ୍ଚଳ ରେଞ୍ଜ ଡିଆଇଜି ହିମାଂଶୁ ଲାଲ, ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ଆଦିବାସୀ ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡା.ଦେବାଶିଷ ମାରାଣ୍ଡି, ଜିଲାପାଳ ବିନୀତ ଭରଦ୍ୱାଜ, ଅତିରିକ୍ତ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଓ ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି ସବୁଜ ପତାକା ଦେଖାଇ ଏହି ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ। ବାରିପଦା ଶହୀଦ ସ୍ମୃତି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଏସ୍‌ପି ବି.ଗଙ୍ଗାଧର ଅଧ୍ୟକ୍ଷତା କରିଥିଲେ। ବାରିପଦା ସହରର ଆଖପାଖ ଶିକ୍ଷାନୁଷ୍ଠାନଗୁଡ଼ିକରୁ ହଜାର ହଜାର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହା ସହିତ ମିଶନ ଶକ୍ତିର ମହିଳାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ ହୋଇଥିଲେ। ଏହି ରଥ ଜିଲାର ସମସ୍ତ ବ୍ଲକ, ମ୍ୟୁନିସିପାଲିଟି, ଏନ୍‌ଏସିରେ ଥିବା ଶିକ୍ଷାନୁଷ୍ଠାନ ଓ ବ୍ୟବସାୟ କେନ୍ଦ୍ରଗୁଡ଼ିକରେ ପହଞ୍ଚି 'ସାବଧାନ ରୁହନ୍ତୁ, ସାଇବର ସୁରକ୍ଷିତ ଓଡ଼ିଶା ଗଠନ କରନ୍ତୁ' ବାର୍ତ୍ତା ଦ୍ୱାରା ସଚେତନ କରିବ। ସମଗ୍ର ଜିଲାରେ ଆସନ୍ତା ୧୫ତାରିଖ ପର୍ଯ୍ୟନ୍ତ ସଚେତନତା କାର୍ଯ୍ୟକ୍ରମ ଜାରି ରହିବ।

ସେହିପରି ମୋରଡ଼ା ଥାନା ପୋଲିସ ପକ୍ଷରୁ ଚିତ୍ରଡ଼ା ପଞ୍ଚାୟତରୁ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଚିତ୍ରଡ଼ା ଫାଣ୍ଡି ଅଧିକାରୀ ନିରଞ୍ଜନ ସୋରେନ, ଦୀନବନ୍ଧୁ ଦେହୁରୀ, ମଞ୍ଜୁଲତା ବେହେରା, ଲକ୍ଷ୍ମୀପ୍ରିୟା ରାଉତ, ବିନତା ଥୟାଲ, ସାଲଖାନ ମାଝୀ, ଦୀପକ କୁମାର ବାରିକ, ଗୋବିନ୍ଦ ସାହୁ, ପିଥ ହେମ୍ବ୍ରମ ପ୍ରମୁଖ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

**ଭଦ୍ରକ, ୨।୧୦(ସନାତନ ରାଉତ)**

ଗାନ୍ଧୀ ଜୟନ୍ତୀ ଅବସରରେ ଜିଲାସ୍ତରରେ ସାଇବର ସୁରକ୍ଷା ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ କରାଯାଇଛି। ଭଦ୍ରକ ଜିଲା ସଦର ମହକୁମାରରେ ସଂସ୍କୃତି ଭବନଠାରେ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲିଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଅନ୍ୟତମ ଅତିଥି ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, କାନାରା ବ୍ୟାଙ୍କର ସହକାରୀ ସାଧାରଣ ପରିଚାଳକ ପି. ମଧୁସୂଦନ ରାଓ ପ୍ରମୁଖ ଯୋଗ ଦେଇଥିଲେ। ଅତିରିକ୍ତ ଏସ୍‌ପି ବିଜୟ ରଞ୍ଜନ କେରକେଟା ଏହି ଅଭିଯାନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରଲୋଭନରେ ପଡ଼ି ନିଜ ମୋବାଇଲକୁ ଆସୁଥିବା ଓଟିପି, ଏଟିଏମ୍ କାର୍ଡର ସିକ୍ରେଟ ନମ୍ବର ଓ ଆଧାର ନମ୍ବର କାହାକୁ ଦେବା ନାହିଁ। ସଚେତନ ହେଲେ ସାଇବର ଅପରାଧ ରୋକିପାରିବା। ସାଇବର ଅପରାଧ ସହାୟତା ନଂ. ୧୯୩୦ର ଉପଯୋଗ କରିବା ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ସତର୍କତା ସମ୍ବଳିତ ଦୃଶ୍ୟ ଓ ଶ୍ରାବ୍ୟ ଫଳକଯୁକ୍ତ ଏକ ସୁଦୃଶ୍ୟ ସଚେତନତା ରଥକୁ ସଂସ୍କୃତି ଭବନ ନିକଟ ମୁଖ୍ୟରାସ୍ତାରେ ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିପାଇଁ ପ୍ରସ୍ତୁତ ଏକ ସୁଦୃଶ୍ୟ ମାସ୍କଟ ଆକର୍ଷଣୀୟ ହୋଇଥିଲା। ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଡିଏସ୍‌ପି ଡିଆଇବି କମଳ ଲୋଚନ ଭୂୟାଁ, ବିଭିନ୍ନ ଥାନାର ଅଧିକାରୀ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପରିବେଶକୁ ସ୍ୱଚ୍ଛ ରଖିବାକୁ ଶପଥ




ଗାନ୍ଧୀ ଜୟନ୍ତୀ ଅବସରରେ ସଫେଇ କରାଯାଉଛି।

**ବାଲେଶ୍ୱର, ୨।୧୦(ମାନସ ବିଶ୍ୱାଳ)**

ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟ ତରଫରୁ ଇଞ୍ଚୁଡ଼ି ଲବଣ ସତ୍ୟାଗ୍ରହ ପରିସରରେ ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଉପଲକ୍ଷେ ଏନ୍‌ଏସ୍‌ଏସ୍ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୋଟ୍ ୫୩ଜଣ ଏନ୍‌ଏସ୍‌ଏସ୍‌ର ସଭ୍ୟାସଭ୍ୟ ଯୋଗଦେଇ ଲବଣ ସତ୍ୟାଗ୍ରହ ପରିସରକୁ ସ୍ୱଚ୍ଛତାରେ ପରିଣତ କରିଥିଲେ।

ଅଧ୍ୟକ୍ଷ ନିକୁଞ୍ଜ ବିହାରୀ ଦାସ ଯୋଗଦେଇ ସ୍ତମ୍ଭ ପରିସରରେ ଥିବା ଅପରିଷ୍କାରକୁ ସଫା କରିବା ସହିତ ମହାବିଦ୍ୟାଳୟ ପରିସର ଶ୍ରେଣୀଗୃହକୁ ସଫା ରଖିବା ପାଇଁ ଶପଥ ପାଠ କରାଇଥିଲେ। ଇଞ୍ଚୁଡ଼ି ଲବଣ ସତ୍ୟାଗ୍ରହର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରି ଏହା ଭାରତବର୍ଷର ଦ୍ୱିତୀୟ ସ୍ଥାନ ଭାବେ ଇତିହାସରେ ଏକ ସ୍ଥାନ ଗ୍ରହଣ କରିଛି। ଏହି ଐତିହ୍ୟକୁ ସୁନ୍ଦର କରିବା ଲାଗି କଳାକ୍ଷେତ୍ରର ଛାତ୍ରୀଛାତ୍ରମାନଙ୍କର ପ୍ରୟାସ ବୋଲି କହିଥିଲେ। ଏନ୍‌ଏସ୍‌ଏସ୍‌ର ସଂଯୋଗ ଦୈତାରୀ ବେହେରା ଛାତ୍ରୀଛାତ୍ରମାନଙ୍କୁ ସ୍ୱଚ୍ଛ ଭାରତର ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ହିମାଂଶୁ ନାୟକ ଓ ମନୋରଞ୍ଜନ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଆରମ୍ଭ ହେଲା ରେଡିଓ ବାଘାଯତୀନ

**ଉଦଳା,୨।୧୦(ସନ୍ତୋଷ କୁମାର ବାଛିନୀ)**

କପ୍ତିପଦା ବ୍ଲକ ସାନବିଶୋଳ ଗ୍ରାମରେ ସୋମବାର ଆରମ୍ଭ ହୋଇଛି ରେଡିଓ ବାଘାଯତୀନ। ଏହି ୮୯.୬ ଏଫ୍‌ଏମ୍ ରେଡିଓରେ ଏଥର ଶୁଣାଯିବ ମୟୂରଭଞ୍ଜର କଳା, ସଂସ୍କୃତି ଏବଂ ପରମ୍ପରାର ବାର୍ତ୍ତା। ଉଦଳା ବିଧାୟକ ଭାସ୍କର ମଢ଼େଇ, ଏସ୍‌ଡିପିଓ ସାର୍ଥକ ରାଏ, ନଗରପାଳ ପ୍ରମିଳା ପଣ୍ଡା ଫିତାକାଟି ରେଡିଓ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ପରେ ପ୍ରଥମେ ଜାତୀୟ ସଙ୍ଗୀତ ଶୁଣାଯାଇଥିଲା। ପରେ ଏସ୍‌ଡିପିଓ ଏବଂ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶୁଭବାର୍ତ୍ତା ପ୍ରଦାନ କରିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସହିତ ଜନହିତକର ସୂଚନା ମଧ୍ୟ ଏହି ରେଡିଓ ମାଧ୍ୟମରେ ଶୁଣାଯିବ।

## ସୁବ୍ରତ ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ

ଭଦ୍ରକ,୨।୧୦ (ସନାତନ ରାଉତ)– ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ସୁନ୍ଦରପୁର ପଞ୍ଚାୟତ କୁଳେଇପଦା ଗ୍ରାମର ସୁବ୍ରତ କୁମାର ବିଶ୍ୱାଳଙ୍କୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଯୁବମୋର୍ଚ୍ଚାର ରାଜ୍ୟ ସମ୍ପାଦକ ଦାୟିତ୍ୱ ପ୍ରଦାନ କରିଛନ୍ତି। ସୁବ୍ରତ ଭଦ୍ରକ କଲେଜ ଓ ଉତ୍କଳ



ବିଶ୍ୱବିଦ୍ୟାଳୟରେ ଛାତ୍ର ନେତା ଥିଲେ। ନିର୍ବାଚନ ପୂର୍ବରୁ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଭାଜପା ରାଜ୍ୟ ନେତୃମଣ୍ଡଳୀ ଗୁରୁଦାୟିତ୍ୱ ପ୍ରଦାନ କରିଥିବାରୁ ଚାନ୍ଦବାଲି ନିର୍ବାଚନମଣ୍ଡଳୀର ନେତା କିଶୋର ନାୟକ, ସୁରେଶ ସାହୁ, ପୂର୍ଣ୍ଣଚନ୍ଦ୍ର ପାଣି, କାହ୍ନୁଚରଣ ବେହେରା, କମଳାକାନ୍ତ ସୂତାର, ସଦାନନ୍ଦ ମଲିକ, ଶରତ ବେହୁରିଆ, ଅମୀୟ ବିଶ୍ୱାଳ, ଅଭିମନ୍ୟୁ ବିଶ୍ୱାଳ, ସନ୍ଦୀପ ନାୟକ, ଦେବଦତ୍ତ ପାଢ଼ୀ, କିଶନ ପାଢ଼ୀ, ଜୀବନାନନ୍ଦ ପାଢ଼ୀ, ଦୀପକ ବିଶ୍ୱାଳ, ସୁବ୍ରତ ବିଳାସ, ରାଜକିଶୋର ବାରିକ, ଦୁଷ୍ମନ୍ତ ବାରିକ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବ୍ୟାଙ୍କ ପ୍ରାଙ୍ଗଣ ସଫାକଲେ ଛାତ୍ରୀଛାତ୍ର



ଛାତ୍ରୀଛାତ୍ରମାନେ ବ୍ୟାଙ୍କ ସମ୍ମୁଖ ସଫା କରୁଛନ୍ତି।

**ଢେଙ୍କିକୋଟ,୨।୧୦(ନୀଳମଣି ମଣ୍ଡଳ)**

କେନ୍ଦୁଝର ଜିଲା ଢେଙ୍କିକୋଟ ବଜାର ମଧ୍ୟରେ ଥିବା ବ୍ୟାଙ୍କ ଅଫ ଇଣ୍ଡିଆ ଶାଖା ସମ୍ମୁଖରୁ ସୋମବାର ଗାନ୍ଧୀ ଜୟନ୍ତୀରେ ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସଫା କରିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ମୀନତି ମହାରଣାଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ହାତରେ ଝାଡୁ, ଝୁଡ଼ି ଏବଂ ଡଷ୍ଟବିନ ଧରି ଢେଙ୍କିକୋଟ ବଜାର ସଫେଇ କରି ଜନସାଧାରଣ ଏବଂ ଦୋକାନୀ ଭଉଣୀ ଭାଇମାନଙ୍କୁ ସ୍ୱଚ୍ଛତା ହିଁ ପବିତ୍ରତାର ବାର୍ତ୍ତା ଦେଇଛନ୍ତି।

# ଆରଡ଼ିପା ଶ୍ରେଷ୍ଠ ପାଣି ପଞ୍ଚାୟତ

**ଚମ୍ପୁଆ,୨।୧୦(ମହେଶ୍ୱର ଦାସ)**

ଓଡିଶା ଉଠାଜଳସେଚନ ନିଗମରେ ୫୧ ତମ ପ୍ରତିଷ୍ଠା ଦିବସରେ ଚମ୍ପୁଆ ଉଠାଜଳସେଚନ ବିଭାଗର କଙ୍କଡ଼ା ଗ୍ରାମ ଆରଡ଼ିପା ପାଣି ପଞ୍ଚାୟତକୁ ଜିଲାର ଶ୍ରେଷ୍ଠ ପାଣି ପଞ୍ଚାୟତ ଭାବେ ପୁରସ୍କୃତ କରାଯାଇଛି। ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶା ଗବେଷଣା କେନ୍ଦ୍ର ଭୁବନେଶ୍ୱରରେ ଅନୁଷ୍ଠିତ ଦିବସରେ ଆରଡ଼ିପା ପାଣି ପଞ୍ଚାୟତର ସଭାପତି ମକୁରୁ ଧର ନାଏକ ଓ ସମ୍ପାଦକ ଅମୂଲ୍ୟ ନାଏକ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରେଷ୍ଠ ପାଣି ପଞ୍ଚାୟତର ପୁରସ୍କାର ଗ୍ରହଣ କରିଥିଲେ। ଜଳସମ୍ପଦ ପରିଚାଳନ କ୍ଷେତ୍ରରେ ଭୂମିକା ଉଚ୍ଚକୁଟିର ହୋଇଥିବା ବେଳେ ପ୍ରକଳ୍ପ ରକ୍ଷଣାବେକ୍ଷଣ, ଠିକ୍ ସମୟରେ ବିଦ୍ୟୁତ ବିଲପୈଠ, ପରିଚାଳନା, ଜଳ ବଣ୍ଟନ, ବିଭିନ୍ନ ବିଭାଗ ସହ ସମନ୍ୱୟ, ନୂତନ କୃଷି ପଦ୍ଧତିର ରୂପାୟନ ଏବଂ ଜଳସଚେନରେ ଆଧୁନିକ ପ୍ରଯୁକ୍ତ ବିଦ୍ୟାର ପ୍ରୟୋଗ ସହ ନୂତନ ବିଚାର ଧାରା ପ୍ରୟୋଗ କରି ସମାଜର ଏକ ଉଦାହରଣ ସାଜିଥିବାରୁ ଏହି ପୁରସ୍କାର ମିଳିଥିଲା।

## ବ୍ଲକ କାର୍ଯ୍ୟାଳୟରୁ ରାତ୍ରି ଜଗୁଆଳିଙ୍କ ମୃତଦେହ ଜବତ

ବେତନଟୀ,୨।୧୦(ଧରଣୀଧର ମହାନ୍ତି): ବେତନଟୀ ବ୍ଲକ କାର୍ଯ୍ୟାଳୟ ବାରଣ୍ଡାରୁ ସୋମବାର ସକାଳେ ଜଣେ ରାତ୍ରି ଜଗୁଆଳିଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ବେତନଟୀ ଥାନା ଅଧୀନ ଦାନ୍ତିଆମୁହାଁ ଗ୍ରାମର ବୁଧୁ ସିଂ (୩୮)। ସୂଚନା ଅନୁଯାୟୀ, ବୁଧୁ ସିଂ ୧୨ ବର୍ଷ ହେବ ବେତନଟୀ ବ୍ଲକ କାର୍ଯ୍ୟାଳୟରେ ରାତ୍ରି ଜଗୁଆଳି ଭାବେ କାର୍ଯ୍ୟରତ ଥିଲେ। ସକାଳେ ବ୍ଲକ ବାରଣ୍ଡାରେ ସେ ମୁହଁମାଡି ପଡ଼ିଥିବା ଦେଖିବାକୁ ମିଳିଥିଲା। ଖବରପାଇ ଏସ୍‌ଡିପିଓ ସୁଦର୍ଶନ ଦାସ, ଥାନା ଆଇଆଇସି ସସ୍ମିତା ମହାନ୍ତ ପ୍ରମୁଖ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ବ୍ଲକ କାର୍ଯ୍ୟାଳୟରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରିଛନ୍ତି। ମୃତ୍ୟୁ କାରଣ ସ୍ପଷ୍ଟ ହୋଇନାହିଁ।

# 'ଯୁବକଙ୍କୁ ସଙ୍ଗଠିତ କରିବା ପ୍ରାଥମିକତା'

## ଇଂ. ରାଜେଶ ରାଜ୍ୟ ଭାଜପା ଯୁବମୋର୍ଚ୍ଚା କୋଷାଧ୍ୟକ୍ଷ

**ଖଇରା, ୨।୧୦(ଉତ୍କଳବନ୍ଧୁ ପଣ୍ଡା)**

ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଭାଜପା ଯୁବମୋର୍ଚ୍ଚା ପାଇଁ କର୍ମକର୍ତ୍ତା ମନୋନୟନ କରିଥିବା ବେଳେ ଖଇରା ବ୍ଲକ ଯୁବଗୋଷ୍ଠୀଙ୍କ ଆଦର୍ଶ ଇଂ. ରାଜେଶ ମହାକୁଡଙ୍କୁ ଏଥିରେ ସାମିଲ କରାଯାଇଛି। ତାଙ୍କୁ କୋଷାଧ୍ୟକ୍ଷ ପଦବୀ ମିଳିବା ପରେ ବିଭିନ୍ନ ମହଲରୁ ସମ୍ବର୍ଦ୍ଧନାର ସୁଅ ଛୁଟିଛି। ସୋମବାର ଇଂ. ମହାକୁଡ ତୁଡିଗଡିଆ ଶହୀଦ ସ୍ତମ୍ଭ ନିକଟକୁ ଯାଇ ଶହୀଦ ରଘୁ, କେଲୁ, ମକର ତଥା ଜାତିରଜନକ ବାପୁ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ମଣ୍ଡଳ ସଭାପତି ମହେଶ୍ୱର ନାଥ, ସରପଞ୍ଚ ଅଜୟ ବେହେରାଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ଆସିଥିବା ପଦାଧିକାରୀ ଓ ଲୋକପ୍ରତିନିଧିମାନେ ତାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।



ତୁଡିଗଡିଆ ଶହୀଦସ୍ତମ୍ଭ ନିକଟରେ ଇଂ. ରାଜେଶ ଓ ଅନ୍ୟ ନେତୃବୃନ୍ଦ।

# ଛାତ୍ରୀଛାତ୍ର ଗାନ୍ଧୀଙ୍କୁ ଅନୁସରଣ କରିବା ଉଚିତ

**କେନ୍ଦୁଝର,୨।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

କେନ୍ଦୁଝର ଜିଲା ସଦର ମହକୁମାରେ ଜିଲା ପ୍ରଶାସନ ଆନୁକୂଲ୍ୟରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ୧୫୪ତମ ଜୟନ୍ତୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ୧୧୯ତମ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ନଗର ଭବନ ନିକଟରେ ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅବସ୍ଥାପିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଦରବାର ହଲଠାରେ ଅତିରିକ୍ତ ଜିଲାପାଳ ଯଦୁମଣି ମହଲାଙ୍କ ଅଧ୍ୟକ୍ଷତାରେ ସମାରୋହରେ ମୁଖ୍ୟ ଅତିଥିଭାବେ ଜିଲାପରିଷଦ ଅଧ୍ୟକ୍ଷା ସାଗରିକା ସାହୁ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ନୀତି, ଆଦର୍ଶ, ସରଳ ଜୀବନ, ଉଚ୍ଚ ଚିନ୍ତନ, ତ୍ୟାଗ, ଅହିଂସା ମନୋଭାବକୁ ଛାତ୍ରୀଛାତ୍ର




ଜିଲାସ୍ତରୀୟ ଗାନ୍ଧୀ, ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ସମାରୋହ

ନିଜ ଜୀବନରେ ଅନୁସରଣ କରିବାକୁ ସଂକଳ୍ପ ନେବା ଉଚିତ। ଏବଂ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ବ୍ୟକ୍ତିତ୍ୱରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଯଦୁମଣି ମହଲା, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, କେନ୍ଦୁଝର ଉପଜିଲାପାଳ ରାମଚନ୍ଦ୍ର କିସ୍‌କୁ, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଡା. ମଧୁସ୍ମିତା ସାମନ୍ତରାୟ ଯୋଗଦେଇଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସଞ୍ଜୀବ ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ବାପୁଜୀଙ୍କ ପ୍ରିୟ ଆଶ୍ରମ ଭଜନ 'ବୈଷ୍ଣବ ଜନ ତୋ' ଏବଂ 'ରଘୁପତି ରାଘବ ରଜାରାମ' କଳାକାରଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ପରେ ଆୟୋଜିତ ସର୍ବଧର୍ମ ପ୍ରାର୍ଥନା ସଭାରେ ପଣ୍ଡିତ ମଧୁସୂଦନ ମିଶ୍ର ଗୀତା ପାଠ କରିଥିବାବେଳେ ମୌଲାନା ଅବଦୁଲ ଖାଲିକ କୋରାନ୍ ଓ ରେଭେରେଣ୍ଡ ସି.ଡି.ଲିମା ବାଇବେଲ୍ ପାଠ କରିଥିଲେ। ଏହି ଅବସରରେ ଗାନ୍ଧୀଜୀଙ୍କ ସମ୍ପର୍କିତ ବକ୍ତୃତା ଓ ଚିତ୍ରକଳା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

